## ସଂକ୍ଷେପରେ

### ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)

ଲୋକନାଥ ରୋଡ୍‌ରେ ଭୁଜାଲି ଧରି ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଟାଉନ୍ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୋଗ ଜଣଙ୍କ ହେଲେ ଜଗନ୍ନାଥ ବସ୍ତିର ଶଙ୍କର ଓଫର ବୁଲୁ ସାହୁ। ପୋଲିସ ଅଭିଯୁକ୍ତ ଠାରୁ ଭୁଜାଲି ଜବତ କରିଛି। ଏନେଇ କେସ୍ ନଂ ୫୩୫/୨୪ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସର ସୂଚନା ଅନୁଯାୟୀ, ମଣିମହାସୁଆର ବଗିଚାର ଅନିରୁଦ୍ଧ ସାମନ୍ତରାଏ ତାଙ୍କର ଟୋଟୋ ନେଇ ଲୋକନାଥ ରୋଡ୍ ଦେଇ ଯାଉଥିବା ବେଳେ ଅଭିଯୁକ୍ତ ବୁଲୁ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଭୁଜାଲିରେ ଆକ୍ରମଣ କରିଥିଲା। ଅଭିଯୋଗକୁଭିତ୍ତିକରିଟାଉନଥାନାପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### କଣାସରେ ଜାପାନୀ ଜ୍ୱର ଚିହ୍ନଟ

#### ରୋଗୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ଅଧିକାରୀ

କଣାସ,୧୪।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ୍ ଗଡ଼ନାଉପୁଟ ପଞ୍ଚାୟତର ଖାରକଟା ଗ୍ରାମରେ ଜଣେ ୭୫ ବର୍ଷୀୟ ବୃଦ୍ଧ ଜାପାନୀ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ପୁରୀ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିନୋଦ ବିହାରୀ ରଥ ଶୁକ୍ରବାର ବୃଦ୍ଧଙ୍କ ପାଖରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ଏଥିସହ ଅଞ୍ଚଳର ଅନ୍ୟ କେହି ଏହି ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି, ସେ ନେଇ ସର୍ଭେ କରିବାକୁ କଣାସ ମେଡିକାଲର ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଉକ୍ତ ବୃଦ୍ଧ ଜଣଙ୍କ ଗତ ୧ ତାରିଖରେ ଖୋର୍ଦ୍ଧାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ସେ ୫ରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇ ୯ରେ ଘରକୁ ଫେରିଥିଲେ। କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ପରୀକ୍ଷା କରାଯାଇଥିବା ରକ୍ତ ନମୁନା ନେଗେଟିଭ୍ ଆସିଥିବା ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜଣାଇବା ପରେ ଚିକିତ୍ସା ଅଧିକାରୀ ଆସି ବୃଦ୍ଧଙ୍କୁ ଭେଟିଥିବା ଜଣାପଡ଼ିଛି। ଏହି ରୋଗ ଅଞ୍ଚଳରେ ଜଣାପଡ଼ିବା ପରେ ସମସ୍ତଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ଘୁଷୁରି ମାଧ୍ୟମରେ ଏହି ଜ୍ୱର ସଂକ୍ରମିତ ହେଉଥିବାରୁ କେବେ ଗ୍ରାମ ଓ ଆଖପାଖ ଗ୍ରାମକୁ ଘୁଷୁରି ଆସିଥିଲା, ସେନେଇ ଡ. ରଥ ପଚାରି ବୁଝିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ସ୍ୱର୍ଣ୍ଣଲତା ରଥ ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

### ବ୍ରେନ୍‌ଷ୍ଟ୍ରୋକ୍‌ରେ ଆଶାଦିଦିଙ୍କ ମୃତ୍ୟୁ

ଅସ୍ତରଙ୍ଗ,୧୪।୧୨(ମମତା ଜେନା)

ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ କେରେଣ୍ଡିଆପାଳ ଗ୍ରାମର ଆଶାଦିଦି କୃଷ୍ଣା କୁମାରୀ ମହାନ୍ତି (୩୮)ଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ବ୍ରେନ୍‌ଷ୍ଟ୍ରୋକ୍‌ରେ ମୃତ୍ୟୁ ହୋଇଛି। ସେ ସରିଫୁର ପଞ୍ଚାୟତରେ ଆଶାଦିଦି ଭାବେ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଥିଲେ। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୧୩,୯୫୧ ମକଦ୍ଦମା ଫଇସଲା

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରାଧିକରଣର ସଚିବ ଅମିତ କୁମାର ବାରିକଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଲୋକ ଅଦାଲତରେ ମୋଟ ୧୩,୯୫୧ ଗୋଟି ମକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୭ କୋଟି ୩୨ ଲକ୍ଷ ୧୯ ହଜାର ୨୨୭ ଟଙ୍କା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ କରାଯାଇଥିବା ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀ ଯୋଗଦାନ କରିଅଦାଲତକୁ



ଲୋକ ଅଦାଲତରେ ପ୍ରାଧିକରଣ ଅଧ୍ୟକ୍ଷା ଅଜନ୍ତା ଷଡଙ୍ଗୀଙ୍କ ସମେତ ଅନ୍ୟମାନେ ।

ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ମୟୀ ଦେହୁରୀ, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ରାଣା ଘୋଷ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଗାର୍ଗି ପଟ୍ଟନାୟକ, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୋନାଲୀ ଅପରାଜିତା, ଦେୱାନୀ ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ୍ୟ ନ୍ୟାୟାଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ

#### ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ବିଚାରପତି ତନ୍ମୟ ରଞ୍ଜନ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶୃତକୀର୍ତ୍ତି ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରି ମାମଲାଗୁଡ଼ିକର ବିଚାର କରି ଫଇସଲା କରିଥିଲେ। ଲୋକ ଅଦାଲତରେ ୧୧୦ ଗୋଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୫, ୬୫, ୦୫, ୦୦୦ ଟଙ୍କା ଆଦାୟ କରାଯାଇଛି। ଏହାଛଡ଼ା ୧୪୦ଟି ପ୍ରାକ୍ ମକଦ୍ଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କ ଋଣ ବାବଦକୁ ୧,୪୪,୨୨,୮୦୦ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଜିଲା କାରାଗାରର କଏଦୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଷ୍ଟଲ୍ କୋର୍ଟ ପରିସରରେ ଆୟୋଜିତ ହୋଇଯାଇଥିଲା।

# ସାଧୁସନ୍ଥଙ୍କ ବିଶ୍ରାମ ପାଇଁ ପୁରୀରେ ନୂତନ ସୌଧର ଭୂମିପୂଜନ



ଭୂମିପୂଜନ କରାଯାଉଛି ।

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଲୋକନାଥ ମନ୍ଦିର ନିକଟସ୍ଥ ଶ୍ରୀବାଲାଜୀ ମନ୍ଦିର ଥାନପତି ଆଶ୍ରମ ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ପରିସରରେ ଭବ୍ୟ ଭୂମିପୂଜନ ତଥା ଶିଳାନ୍ୟାସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ତଥା ଜୀୟରସ୍ୱାମୀ ମଠ ମହନ୍ତ ଶ୍ରୀଇନ୍ଦିରା ରମଣ ରାମାନୁଜ ଦାସ ଜୀ ମହାରାଜଙ୍କ ମାର୍ଗଦର୍ଶନରେ ଆଶ୍ରମ ପରିସରରେ ୨୫ କୋଠରି ବିଶିଷ୍ଟ ନୂତନ ସୌଧ ନିମନ୍ତେ ବିଶିଷ୍ଟ ପଣ୍ଡିତମାନଙ୍କ ଉପସ୍ଥିତିରେ ଭୂମିପୂଜନ ତଥା ଶିଳାନ୍ୟାସ ଅନୁଷ୍ଠିତ ହୋଇଛି।

ଜୀୟରସ୍ୱାମୀ ମଠର ସନ୍ଥ ତଥା ଟ୍ରଷ୍ଟର ସଦସ୍ୟ ସ୍ୱାମୀ ସୁଦର୍ଶନ ରାମାନୁଜ ଦାସ ଜୀ ମହାରାଜ କର୍ତ୍ତା ରୂପେ ପୂଜା କାର୍ଯ୍ୟରେ ସାମିଲ ହୋଇ ଏହି ନୂତନ ସୌଧରେ ଦେଶର ବିଭିନ୍ନ ସ୍ଥାନରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ସାଧୁ, ସନ୍ଥ, ମହନ୍ତଙ୍କ

#### ସୌଧ ୨୫ କୋଠରି ବିଶିଷ୍ଟ

ରହଣି ସହିତ ଉତ୍ତମ ଆତିଥେୟତା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ପୂଜା କାର୍ଯ୍ୟରେ ଟ୍ରଷ୍ଟର ସଦସ୍ୟ ତଥା କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ଆଇନଜୀବୀ ପ୍ରସନ୍ନ ମିଶ୍ର, ପଣ୍ଡିତ ଇନ୍ଦ୍ରମଣି ପତି ମୁଖ୍ୟ ଆଚାର୍ଯ୍ୟ କାର୍ଯ୍ୟ ତୁଲାଇଥିବା ବେଳେ ପଣ୍ଡିତ ରିତେଶ କୁମାର ମିଶ୍ର, ପଣ୍ଡିତ ଦେବେନ୍ଦ୍ର ଦ୍ୱିବେଦୀ, ପଣ୍ଡିତ ଶିବପ୍ରସାଦ ନନ୍ଦ, ପଣ୍ଡିତ ଆଶିଷ କୁମାର ଦ୍ୱିବେଦୀ, ପଣ୍ଡିତ ଅଜୟ କୁମାର ଦ୍ୱିବେଦୀ, ପଣ୍ଡିତ ସନ୍ତୋଷ ଶତପଥୀ, ପଣ୍ଡିତ ଇତିକାନ୍ତ ଦାଶ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଟ୍ରଷ୍ଟର ସଦସ୍ୟ ରମେଶ ଶର୍ମା, ସୁରେଶ ଶର୍ମା, ବିଷ୍ଣୁକୁମାର ଜୋଷୀ, କମଲ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୧୦୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।



ହକି ମ୍ୟାଚରେ ଚାମ୍ପିୟନ ହୋଇଥିବା ଦଳ ସହ ଅତିଥିମାନେ ।

# ବାଳିକାରେ ଢେଙ୍କାନାଳ ଓ ବାଳକରେ ପୁରୀ ଦଳ ଚାମ୍ପିୟନ

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲଠାରେ ହକିର ହାଇ ପରଫର୍ମାନ୍ସ ସେଣ୍ଟର ଟାଟା ଓଡ଼ିଶା ନାଭାଲ ଟାଟା ହକି ପକ୍ଷରୁ ଶୁକ୍ରବାର ଆଭାସି ମାଧ୍ୟମରେ ଉଦ୍‌ଘାଟନ କରାଯାଇଛି। ତୃଣମୂଳସ୍ତରରୁ ଦକ୍ଷତାସମ୍ପନ୍ନ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟକରି ସେମାନଙ୍କ ବିକାଶ କରାଇବା ଲକ୍ଷ୍ୟରେ ଏହି କେନ୍ଦ୍ର କାର୍ଯ୍ୟ କରୁଛି। ଶନିବାର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳର ବାଳିକା ଓ ବାଳକ ହକି ଦଳ ସହ ପୁରୀ ବାଳିକା ଓ ବାଳକ ଦଳର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

#### ହାଇ ପରଫର୍ମାନ୍ସ କେନ୍ଦ୍ରରେ ହକି ମ୍ୟାଚ୍

ଏଥିରେ ବାଳିକା ବର୍ଗରେ ଢେଙ୍କାନାଳ ଓ ବାଳକ ବର୍ଗରେ ପୁରୀ ଦଳ ଚାମ୍ପିୟନ ହୋଇଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ଆଜିର ସମୟରେ ସବୁକ୍ଷେତ୍ରରେ ବ୍ୟାପକ ନିଯୁକ୍ତି ଓ ସଫଳତାର ମାର୍ଗ ରହିଛି। ତେଣୁ ନିଜର ଲକ୍ଷ୍ୟସ୍ଥିର କରି ଆଗେଇବାର ଆବଶ୍ୟକତା ରହିଛି। ପିଲାମାନେ କଠିନ ପରିଶ୍ରମ କରିବା ସହ ନିଜର କର୍ତ୍ତବ୍ୟ ପ୍ରତି ଯତ୍ନବାନ ହେଲେ ଜୀବନରେ ସଫଳ ହୋଇପାରିବେ ବୋଲି କହିଥିଲେ। ପରେ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ବରିଷ୍ଠ ହକି କୋଚ୍ ଶେଖର ଚନ୍ଦ୍ର ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୋପାଳ ପରିଡ଼ା, ଜିଲା ସ୍କୁଲ ପିଇଟି ରଞ୍ଜନ କୁମାର ରେଡ୍ଡି ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ।

# ଶିବ-ପାର୍ବତୀ ଏକ, ଅଭିନ୍ନ



ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)-

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ରାଣୀସତୀ ଭବନ ପରିସରରେ ଏକାମ୍ରକ୍ଷେତ୍ର ଶିବ-ପାର୍ବତୀ ରାହାସ ପୁସ୍ତକର ସମୀକ୍ଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ଆଲୋଚନାଚକ୍ରକୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମହାପାତ୍ର, ଅନ୍ୟତମ ଅତିଥିଭାବେ ଡ. ପ୍ରମୋଦ କୁମାର ଦଳାଇ, ଡ. କାର୍ତ୍ତିକ କୁମାର ଦାସ, ପ୍ରାଧ୍ୟାପକ ଲକ୍ଷ୍ମୀପ୍ରସାଦ ମିଶ୍ର, ପଣ୍ଡିତ ସଦାଶିବ ମିଶ୍ର ଓ କେଶବ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ଶିବ ଓ ପାର୍ବତୀ ଏକ ଓ ଅଭିନ୍ନ ବୋଲି ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ପୁସ୍ତକର ଲେଖକ ଇଂ. କେଶବ ଚନ୍ଦ୍ର ପାତ୍ର ନିଜସ୍ୱ ମତପ୍ରକାଶ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଗବେଷକ ନାରାୟଣ ନନ୍ଦ, ଦୟାନିଧି ତ୍ରିପାଠୀ, ପ୍ରଭାତ ଚନ୍ଦ୍ର ରଥ, ପୌର୍ଣ୍ଣମାସୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ଚାରୁଲତା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭାଗବତ ପ୍ରସାଦ ପଟ୍ଟନାୟକ, ନାରାୟଣ ମିଶ୍ର, ତପନ କୁମାର ସେଠୀ, ଅନୁକୂଳ ଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଟ୍ରଷ୍ଟର ସଦସ୍ୟା ଆଶାଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କଣାସରେ ଲୋକ ଅଦାଲତରେ ୨୨ଟି ମାମଲା ସମାଧାନ

କଣାସ,୧୪।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସଠାରେ ପ୍ରତିଷ୍ଠିତ ସିଭିଲ ଜଜ୍ ଜୁନିୟର ଡିଭିଜନ ତଥା ଜେଏମ୍‌ଏଫ୍‌ସି ଅଦାଲତରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ





ହୋଇଯାଇଛି। ଏଥିରେ ବିଚାରପତି ଅନୁସମ ଦାଶ, ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଯୁକ୍ତ ପାନେଲ ଓକିଲ ସୁଶାନ୍ତ କୁମାର ମହାନ୍ତି, କୋର୍ଟରେ କାର୍ଯ୍ୟରତ କିରାଣି ଦିଲୀପ ତରାଇ, ଜ୍ୟୋତିରଞ୍ଜନ ପାଢୀ, କୃଷ୍ଣଚନ୍ଦ୍ର ଶତପଥୀ, କଣାସ ବାର୍ ଆସୋସିଏଶନ ସଭାପତି ସଦାନନ୍ଦ ପ୍ରଧାନ, ଉପସଭାପତି ରବୀନ୍ଦ୍ରନାଥ ରାଉତରାୟ, ସରକାରୀ ଓକିଲ ବିକ୍ରମ ନାଥ, ଓକିଲ ଅଶୋକ ପାଣିଗ୍ରାହୀ, ମିହିର ବେହେରା, ପ୍ରବୋଧ ତ୍ରିପାଠୀ, ନିରଞ୍ଜନ ମୁଦୁଲି ପ୍ରମୁଖଙ୍କ ଉପସ୍ଥିତିରେ ମୋଟ ୨୨ଟି ଫୌଜଦାରୀ ମକଦ୍ଦମା ସମାଧାନ କରାଯାଇଥିଲା।

# ଓଡ଼ିଆ ଭାଷା ବିକାଶ ପରିଷଦ ଗଠିତ



ଅସ୍ତରଙ୍ଗ,୧୪।୧୨(ମମତା ଜେନା)

କାକଟପୁର ନିକଟସ୍ଥ କନ୍ଦଳପୁର ଗ୍ରାମର ଆରାଧ୍ୟା ଦେବୀ ମା' ନାରାୟଣୀ ମନ୍ଦିର ପରିସରରେ କାକଟପୁର ବ୍ଲକ୍ ଓ ରାଜ୍ୟର ବିଭିନ୍ନ ଜିଲାର ଓଡ଼ିଆ ଭାଷାପ୍ରେମୀଙ୍କ ଉପସ୍ଥିତିରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବେଦପାଠ କରାଯାଇଥିଲା। ଉକ୍ତ ବୈଠକରେ ମା' ମଙ୍ଗଳା ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ 'ଭାଷା ଏକତାର ମାଧ୍ୟମ' ବୋଲି ଆଲୋଚନା କରାଯାଇ ମାତୃଭାଷା ଓଡ଼ିଆର ବ୍ୟାପକ ବିକାଶ ପାଇଁ ଏକ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପରିଷଦ ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ପରିଷଦର ନାମ 'ଓଡ଼ିଆ ଭାଷା ବିକାଶ ପରିଷଦ' ରଖାଯାଇଥିଲା। ଏଥିନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ, ଉପସଭାପତି ଗୌରାଙ୍ଗ ଚରଣ ବେହୁରା, ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ଯୁଗ୍ମ ସମ୍ପାଦିକା ଭାମାରାଣୀ ରାଉତ, କୋଷାଧ୍ୟକ୍ଷ ଅଜୟ କୁମାର ଦୀକ୍ଷିତ, ସାଙ୍ଗଠନିକ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସାଂସ୍କୃତିକ ସମ୍ପାଦକ କ୍ଷେତ୍ରବାସିନୀ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଦସ୍ୟ ବିଷ୍ଣୁପ୍ରିୟା ମହାପାତ୍ର, ସନ୍ତୋଷ କୁମାର ବେହେରା, ନିରଞ୍ଜନ ନାୟକ, ମିଡିଆ ସଂଯୋଜକ ଭାବେ ପ୍ରଶାନ୍ତ କୁମାର ଜେନା, କମିଟି ସଂଯୋଜକ ଭାବେ ରଶ୍ମି ରଞ୍ଜନ ମହାନ୍ତି ଓ ଉକ୍ତ କମିଟିରେ ପରାମର୍ଶଦାତା, ଉପଦେଷ୍ଟା ମଣ୍ଡଳୀ ଭାବେ କୈଳାସ ଚନ୍ଦ୍ର ଦାଶ, ରବିନାରାୟଣ ପଣ୍ଡା, ନିରଞ୍ଜନ ପାଲଟା, ଆଇନଜୀବୀ ଉମାକାନ୍ତ ମିଶ୍ର, ମଞ୍ଜୁଳା ଷଡ଼ଙ୍ଗୀ, ସାଧୁଚରଣ ବିଶ୍ୱାଳ, ଗାୟକ ଆନନ୍ଦ ବସନ୍ତ କୁମାର ରାଉତଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ପଣ୍ଡିତ ନିରଞ୍ଜନ ପାଲଟା ଶାନ୍ତି ପାଠ କରିଥିଲେ ଓ ସମ୍ପାଦକ ସାହୁ ଧନ୍ୟବାଦ ଦେଇଥିଲେ।

# ନିର୍ମାଲ୍ୟ ନୃତ୍ୟ, ସଙ୍ଗୀତ ଉତ୍ସବ, ସମ୍ମାନ ପ୍ରଦାନ ସମାରୋହ

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)

ଭୁବନେଶ୍ୱରର ଶିକ୍ଷା, ଗବେଷଣା ଓ ଜ୍ଞାନ କେନ୍ଦ୍ର ପକ୍ଷରୁ ନିର୍ମାଲ୍ୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଏବଂ ସମ୍ମାନ ପ୍ରଦାନ ସମାରୋହ-୨୦୨୪ ଶନିବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଭିନେତ୍ରୀ ଗୁନ୍‌ଗୁନ୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଗଙ୍ଗାମାତା ମଠର ମହନ୍ତ ବଳରାମ ଦାସ ଗୋସ୍ୱାମୀ, ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ସେବକ ଗୌରୀଶଙ୍କର ସିଂହାରୀ, ପରିଚୟ ଫାଉଣ୍ଡେଶନର ସଭାପତି ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ର, ସଙ୍ଗୀତକାର ବିବୁ ଦାସ ଏବଂ ସାମାଜିକ କର୍ମୀ ଜିନେସ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଉତ୍ସବର ସଫଳତା ପାଇଁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ।

ଏହି ଅବସରରେ ବର୍ଷୀୟାନ୍ ଓଡ଼ିଶୀ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ସଙ୍ଗୀତ ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ, ନୃତ୍ୟଗୁରୁ ଅଶୋକ କୁମାର ଦାସଙ୍କୁ 'ନିର୍ମାଲ୍ୟ ସମ୍ମାନ' ଏବଂ ଅଭିନେତା ଶ୍ରୀତମ ଦାସଙ୍କୁ 'ଜ୍ଞାନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ପାଦିକା ରୀନା ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ନିର୍ମାଲ୍ୟ କୁମାର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ଶେଷରେ ସୁଧାଂଶୁ ଭୂଷଣ ରଥ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟରେ ଅଭିନେତ୍ରୀ ଗୁନ୍‌ଗୁନ୍ ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ ଓଡ଼ିଶୀ ସଙ୍ଗୀତରେ 'ନବ ନବିନା ଶ୍ୟାମ ଝୁରେ ତୋ' ବିନା' ସୁକାମିନୀ ନନ୍ଦଙ୍କ ରଚନାରୁ ପରିବେଷଣ କରିଥିଲେ। ନୃତ୍ୟଗୁରୁ ବବିତା ଦାସ ଓ ସାଥୀଙ୍କ ଦ୍ୱାରା ନୃତ୍ୟାଭିନୟ ପୁତନା ପରିବେଷଣ କରାଯାଇ ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ପରେ ନବପ୍ରତିଭା ଅନୁଷ୍ଠାନ ପକ୍ଷରୁ ରାଧାରାଣୀ ସଙ୍ଗେ ନାଚେ ମୁରଲୀ ପାଣି, କଳା ମଣିମାହେ ଫୁଲ ଆଣିଛି ଏବଂ ଦେବୀ ବନ୍ଦନା ଉପରେ ଆଧାରିତ ନୃତ୍ୟ ପରିବେଷିତ ହୋଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।



# ମହାପ୍ରଭୁଙ୍କ ଉପାସନା ସହିତ ସଂଯୋଗ ହେତୁ ବଞ୍ଚିଛି ଅଜାଘର ଐତିହ୍ୟ

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାରେ ୬୪ଟି ନାମରେ ଶ୍ରୀଜଗନ୍ନାଥ ଉପାସିତ ହେଉଛନ୍ତି ବୋଲି ଆମେ ଏକ ତାଲିକା ଦେଇଥିଲୁ। ଓଡ଼ିଶା, ଓଡ଼ିଶା ବାହାରେ ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀବିହାର ପ୍ରକାଶନ ପୁସ୍ତକରେ ତଥ୍ୟପ୍ରଦାନ କରାଯାଇଛି। ସେଥିରେ ସତ୍ୟବାଦୀର ଅଠେଇଶ ଠାରେ ଶ୍ରୀସିଦ୍ଧବଳରାମ ନାମରେ ବିଜେ କରିଥିବା କଥା ଲେଖାଅଛି।

ପୁରାତନ କାଗଜାତରୁ ଏବେ ପାଇଲୁ ଶ୍ରୀସିଦ୍ଧବକୁଳ ନାମରେ ବକୁଳବନରେ ପ୍ରାଚୀନ କାଳରୁ ଉପାସିତ ହେଉଛନ୍ତି। ଆସ୍ଥା ଓ ବିଶ୍ୱାସ ଅଛି ଶ୍ରୀସିଦ୍ଧବକୁଳଙ୍କ ପାଖରେ କାମନା ସିଦ୍ଧ ହୁଏ। କେଉଁ ଗଜପତିଙ୍କ ସମୟରେ ବକୁଳବନରେ ମନ୍ଦିର ତୋଳା ହୋଇଥିଲା। ୨ଘର ପୂଜାରୀଙ୍କ ପାଇଁ ଜମି ଖଞ୍ଜା ହୋଇଥିଲା ଜଣାପଡୁନି। ଜମିର ମାଲିକାନା ଶ୍ରୀସିଦ୍ଧବକୁଳଙ୍କ ନାମରେ ଅଛି। ବକୁଳବନର ମଝିରେ ସେ ବିଜେ କରିଥିଲେ। ଉତ୍ତର ଓ ଦକ୍ଷିଣ ପଟେ ଘଞ୍ଚ ଜଙ୍ଗଲ ଥିଲା, ତାହାକୁ ନେଇ ଐତିହ୍ୟ ଗଢ଼ିଉଠିଛି। ବକୁଳବନରେ ପଣସ ଖାଇ ଅଜା ଶ୍ରୀସିଦ୍ଧବକୁଳଙ୍କ ମୁଣ୍ଡରେ ଅଠା ବୋଲି ଦେଇଥିଲେ ଦୁଇଭାଇ। ଅଜାନାତି



ରହସ୍ୟ ଭିତରେ ଦୁଇଭାଇ ରଥରେ ବିଜେ କଲାବେଳେ ବନ୍ଧା ହେଉଛନ୍ତି। ରଥ ଉପରେ ବସିବା ବେଳେ ବଉଳକାଠର ସେନାପଟା/ବାହୁଟରେ ବନ୍ଧା ହୋଇ ବସୁଛନ୍ତି। ସ୍ନାନବେଦିକୁ ବିଜେ ବେଳେ ବି ବନ୍ଧାହୁଅନ୍ତି। ଏହି ପରମ୍ପରା ବହୁ ପ୍ରାଚୀନ। ଜ୍ୟେଷ୍ଠ ମାସର ଶୁକ୍ଳ ଏକାଦଶୀ ପୂର୍ବରୁ ବଉଳଗଛ ମୂଳେ ଅନୁଷ୍ଠାନ ହୁଏ। ଗଛର ଜୀବନ ଶେଷ ପାଇଁ କାରଣ ସହିତ କ୍ଷମା ପ୍ରାର୍ଥନା କରାଯାଏ। ମହାପ୍ରଭୁଙ୍କ ଭୋଇ ସେବକ ପୁରୀରୁ ଆସି ଗଛକାଟନ୍ତି। ଶଗଡ଼ିରେ ଶୋଭାଯାତ୍ରା ହୋଇ ଏକାଦଶୀ ଦିନ ବଡ଼ଦାଣ୍ଡର ରଥଖଳାରେ ପହଞ୍ଚେ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କୁହନ୍ତି, ଏହା ପ୍ରାଚୀନ ପରମ୍ପରା ଅଜାଙ୍କର ବି ବକୁଳବନରେ ସ୍ନାନପୂର୍ଣ୍ଣିମା ହୁଏ। ରଥଯାତ୍ରାରେ ସେ ଯାଆନ୍ତି ଶ୍ରୀଗୋପୀନାଥଙ୍କ ଚନ୍ଦନ ଘରକୁ। ପୁରୁଣା ରଥ ମରାମତି ହୋଇ ବକୁଳବନରେ ଗଡ଼ିଯାଏ। ବିଶ୍ୱାସ ଅଛି, ଶ୍ରୀରାଧାପାଦ ଦର୍ଶନ ପରେ ଶ୍ରୀସିଦ୍ଧବକୁଳଙ୍କ ଦର୍ଶନ ଜୀବନରେ ସର୍ବସିଦ୍ଧି ଆଣିଥାଏ। ଶ୍ରୀଗୋପାଳ ବିଗ୍ରହଙ୍କୁ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚିବିଜୟ କଲାପରେ ସେଠାରୁ ଆଣିଥିଲେ। ସାକ୍ଷୀ ଦେବାପରେ ପ୍ରସିଦ୍ଧ ହୋଇଗଲେ ଶ୍ରୀସାକ୍ଷୀଗୋପାଳଙ୍କ ନାମରେ। ଏହାର ବହୁପୂର୍ବରୁ ଶ୍ରୀସିଦ୍ଧବକୁଳ ବିଜେ କରି ସାରିଥିଲେ। ମନ୍ଦିର ଜଗମୋହନରେ ଶ୍ରୀନୃସିଂହ ବିଜେ କରିଛନ୍ତି। ରୋଷଘରଟିଏ ନାହିଁ। ଭାରି ହିନିମାନିଆ ଅବସ୍ଥାରେ ଅଛନ୍ତି ଅଜା। ଏଠାରେ ଶଙ୍ଖୁଡ଼ି ଭୋଗ ଖଞ୍ଜା ଥିଲେ ବି ରନ୍ଧା ହେଉଛି ବାହାରେ। ବାଡ଼ ଦାଢ଼ରେ।

#### ସ୍ୱାଧୀନତା ସଂଗ୍ରାମର ଗୁପ୍ତ ମନ୍ତ୍ରଣା ସ୍ଥାନ ଥିଲା ଶ୍ରୀସିଦ୍ଧବକୁଳ ମନ୍ଦିର

ଖୋଲାରେ ବୋଲି ଦୁଃଖପ୍ରକାଶ କରିଛନ୍ତି ଡ. ମିଶ୍ର। ସେବକ ଘରୁ ଗଣ୍ଡେ ଚାଉଳ ଆଣି ଖେଚୁଡ଼ି କରୁଛନ୍ତି। ଲୁଣ ଲଗେଇ ଅଜା ଖାଉଛନ୍ତି। ଡ. ମିଶ୍ରଙ୍କ ମତରେ ସତ୍ୟବାଦୀ ପଞ୍ଚସଖାଙ୍କର ଗୁପ୍ତ ମନ୍ତ୍ରଣାସ୍ଥଳ ଥିଲା ଏହି ମନ୍ଦିର। ଲଟକଣ ଆଲୁଅରେ ରାତି ଅନିଦ୍ରା ହୋଇ ଦେଶର ସ୍ୱାଧୀନତା ପାଇଁ ଖସଡ଼ା ପ୍ରସ୍ତୁତ କରୁଥିଲେ। ସଂଗ୍ରାମ ନିଷ୍ପତ୍ତିର ଅନ୍ତୁଡ଼ିଶାଳ ଥିଲା ମନ୍ଦିର ଜଗମୋହନ। ବକୁଳବନର ସୁରକ୍ଷା ପାଇଁ ପାଚେରି ପଡ଼ିଲା। ହେଲେ ଅଜାଙ୍କ ମନ୍ଦିର ଆଜି ମୁକୁଳା ପଡ଼ିଛି। ସ୍ୱାଧୀନତା ସଂଗ୍ରାମର ଅନ୍ତୁଡ଼ିଶାଳକୁ ଆମେ ଏଡ଼େଇଯାଇଛେ। ସ୍ମୃତିଫଳକଟିଏ ସ୍ମାରକୀ ଭାବରେ ବସେଇ ପାରିନେ। ପ୍ରେରଣାର ଉତ୍ସ ଅଲୋଡ଼ା ଅଖୋଜା ରହିଲା ପରି ମନେ ହୁଏ। କେବଳ ମହାପ୍ରଭୁଙ୍କ ଉପାସନା ରଥଯାତ୍ରା ସହିତ ଅଜାଘର ଐତିହ୍ୟକୁ ସଂଯୋଗ କରି ବଞ୍ଚେଇ ରଖିଛି।

## ଚୋରା ମୋବାଇଲ ଜବତ, ଜଣେ ଗିରଫ

ବାଲିଅନ୍ତା, ୧୪ ।୧୨ (ନୀଳମାଧବ ସାହୁ)

ଜଣେ ଓଡ଼ିଆ ସିରିୟଲର ମେକଅପ୍ ମ୍ୟାନ ରାକେଶ ଖଟୁଆଙ୍କ ଏକ ମୋବାଇଲ ଚୋରି ଘଟଣାରେ ପାହାଳ ଥାନା ପୋଲିସ ତାଙ୍କ ସହିତ କାମ କରୁଥିବା ନୟାଗଡ଼ ଜିଲାର ମନୋଜ ନାୟକ (୨୦)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ପୋଲିସ ତାଙ୍କ ପାଖରୁ ଚୋରି ହୋଇଥିବା ଏକ ମୋବାଇଲ ଜବତ କରିଛି। ରାକେଶଙ୍କ ସହିତ ନଖରା ଅଞ୍ଚଳରେ ଗୋଟିଏ ରୁମ୍‌ରେ ରହୁଥିବା ସୁଯୋଗରେ ମନୋଜ ଗତ ନଭେମ୍ବର ୩୦ ରାତିରେ ତାଙ୍କର ମୋବାଇଲ ଓ ନଗଦ ଟଙ୍କା ଚୋରି କରି ପଳାଇଥିଲେ। ଏ ନେଇ ରାକେଶ ପାହାଳ ଥାନାରେ ଗତ ୧ ତାରିଖରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୫୦୬/୨୪ରେ ଏକ ମାମଲା ରୁଜୁ କରିଥିଲା। ପୋଲିସ ତାଙ୍କୁ ଜାତୀୟ ରାଜପଥ ବାଇପାସ୍ ରାସ୍ତା ନିକଟରୁ ଧରିବାକୁ ସକ୍ଷମ ହୋଇଥିଲା।

# ଉଠାଦୋକାନ ଉଚ୍ଛେଦକୁ ବିରୋଧ

ଭୁବନେଶ୍ୱର, ୧୪।୧୨ (ସୁଚିସ୍ମିତା ସାହୁ)

ବାଣୀବିହାର ଛକରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ ନେଇ ଶନିବାର ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା ହୋଇଛି। ଏହାକୁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏହି ଘୋଷଣା ଉଠାଦୋକାନୀ ଆଇନ-୨୦୧୪ ବିରୋଧୀ ଓ ସମ୍ବିଧାନର ଧାରା ୧୯(୧)(ଛ)କୁ ନ ମାନି ବିଏମ୍‌ସି ଟିମ୍ ଉଚ୍ଛେଦ କରିବା ପାଇଁ ଆସିଥିବା ସଂଘ ପକ୍ଷରୁ କୁହାଯାଇଛି। ମହାସଂଘର ଅଭିଯୋଗ ଅନୁସାରେ ଶୁକ୍ରବାର ବିଏମ୍‌ସିର ଉଚ୍ଛେଦକାରୀ ଦଳ ଆଇନକୁ ନ ମାନି ସତ୍‌ସଙ୍ଗ ବିହାରେ ଥିବା ଫଳଦୋକାନୀ, ବାଣୀବିହାର ନିକଟରେ କିଛି ଗ୍ୟାରେଜ, ଡମଣାରେ ଉଠାଦୋକାନୀ, ଫାୟାର ଷ୍ଟେଶନ ପାଖ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ସହ କଳ୍ପନା ଛକ ଉଠାଦୋକାନୀଙ୍କୁ ହଇରାଣ କରୁଛନ୍ତି। ଯଦି ବିଏମସି, ବିଡିଏ ଉଠା ଦୋକାନୀ ଉଚ୍ଛେଦରୁ ନିବୃତ ନ ରୁହେ, ତେବେ ବାଧ ହୋଇ ୩୦ ହଜାର ଉଠାଦୋକାନୀ ପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଚେତାବନୀ ଦେଇଛନ୍ତି।


ଉଠାଦୋକାନୀମାନେ ମେଳି ବାନ୍ଧି ବିରୋଧ କରୁଛନ୍ତି।

## ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ଶିଶୁ ମହୋତ୍ସବ

ଭୁବନେଶ୍ୱର, ୧୪।୧୨ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ଦୃଷ୍ଟି ବାଧିତ ସଂଘ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ଶିଶୁ ମହୋତ୍ସବ ଶନିବାର ଉତ୍କଳ ଦୃଷ୍ଟିବାଧିତ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ରେଖା ମିଶ୍ର ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସନ୍ନ୍ୟାସୀ ବେହେରା ଯୋଗଦେଇ ଦିବ୍ୟାଙ୍ଗଙ୍କ ଶିକ୍ଷା ଓ ବିକାଶକୁ ଗୁରୁତ୍ୱାରୋପ କରିଥିଲେ। ସାଧନା ଓ ସଫଳତାକୁ ଲକ୍ଷ୍ୟ ରଖି ଚାଲିଲେ ନିଜ ଭିତରେ ପୂର୍ଣ୍ଣତା ଆସିବ। ଏହା ଦିବ୍ୟାଙ୍ଗଙ୍କ ମହତ୍ତ୍ୱକୁ ବଢ଼ାଇବ। ଅନୁଷ୍ଠାନର ସଭାପତି ଅଞ୍ଜଳୀ ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ, ହେମସାଗର ପାଣିଗ୍ରାହୀ, କୃଷ୍ଣପ୍ରିୟା ଦାସ କହିଲେ, ଦିବ୍ୟାଙ୍ଗଙ୍କ ଭିନ୍ନକ୍ଷମତାକୁ ବୁଝି ସେମାନଙ୍କ ଆତ୍ମବିଶାସକୁ ବୃଦ୍ଧି କରାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ।ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ଏକକ ଅଭିନୟ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଲିନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓୟୁଟିଆର୍‌ର ବାର୍ଷିକ ଆଲୁମ୍‌ନି ମିଟ୍

ଭୁବନେଶ୍ୱର, ୧୪।୧୨ (ଅନୁରାଧା ମହାରଣା)

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ (ଓୟୁଟିଆର୍)ର ବାର୍ଷିକ ଆଲୁମ୍‌ନି ମିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ରୁ ଅଧିକ ପୂର୍ବତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମାରୋହରେ ୪ଜଣ ପୂର୍ବତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ଆଇଆଇଆଇଟି ବେଙ୍ଗାଲୁରୁର ପ୍ରଫେସର ଦେବବ୍ରତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପୂର୍ବତନ ଛାତ୍ର ତଥା ୱାର୍କସ୍ ଡିପାର୍ଟମେଣ୍ଟର ପୂର୍ବତନ ମୁଖ୍ୟଯନ୍ତ୍ରୀ ଡ. ନାରାୟଣ ଚନ୍ଦ୍ର ପାଲ, କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ପ୍ରଭାତ ରଞ୍ଜନ ବେଉରିଆ, ବ୍ରହ୍ମପୁର ପାରଳା ମହାରାଜ ଇଞ୍ଜିନିୟରିଂ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୁମ୍‌ନି ଆସୋସିଏଶନର ଉପସଭାପତି ଡ. ସୁହେନ୍ଦୁ ପଟ୍ଟନାୟକ, ସମ୍ପାଦକ ପ୍ରଫେସର ବିକ୍ରମ ବାହିନୀପତି, କୋଷାଧ୍ୟକ୍ଷ ପ୍ରଫେସର ବିଭୁପ୍ରସାଦ ଦାଶ, ପ୍ରଫେସର ସମରଜିତ ପଟ୍ଟନାୟକ ଏବଂ ଆଲୁମ୍‌ନି ଆସୋସିଏଶନର ସମସ୍ତ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଉପସ୍ଥିତ ଥିଲେ।


ଓୟୁଟିଆର୍‌ର ବାର୍ଷିକ ଆଲୁମ୍‌ନି ମିଟରେ ଅତିଥିମାନେ।

## ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୪।୧୨
(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀର ୧୨୨ତମ ପ୍ରତିଷ୍ଠା ଉତ୍ସବ ଆସନ୍ତା ୩୦ ଓ ୩୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି। ବୈଠକରେ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଭୃଗୁ ବକ୍ସିପାତ୍ର ଯୋଗଦେଇ ପ୍ରତିଷ୍ଠା ଦିବସ କିପରି ଅତି ଉଚ୍ଚକୋଟୀର ହୋଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପ ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମନୋଜ ରାଉତ, ଅନୁପମା ବେହେରା, ବାସନ୍ତୀ ତ୍ରିପାଠୀ ଓ ଦୀପ୍ତିମୟୀ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ଧନ୍ୟବାଦ ଦେଇଥିଲେ।

## ପକ୍ଷୀଘର ପ୍ରକାଶନୀର ୭ ପୁସ୍ତକ ଲୋକାର୍ପିତ


କବି ସୁଧାକର ମହାନ୍ତିଙ୍କ କବିତା ପୁସ୍ତକ ଓଦା ଆଖିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୪।୧୨ (ସୌମ୍ୟରଞ୍ଜନ ରାଉତ)

କବି ସୁଧାକର ମହାନ୍ତିଙ୍କ କବିତା ପୁସ୍ତକ 'ଓଦା ଆଖି', ରେବା ପଟ୍ଟନାୟକଙ୍କ ପୁସ୍ତକ 'ଲାଲପକ୍ଷୀର କାହାଣୀ' ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ପୁସ୍ତକ 'ପାପ ଓ ଅନ୍ୟାନ୍ୟ ଗଳ୍ପ', କମଳ କୁମାରୀ ଦାସଙ୍କ କବିତା ପୁସ୍ତକ 'ମଧୁକ୍ଷରା' ଲୋକାର୍ପିତ ହୋଇଯାଇଛି। ୬ଷ୍ଠ ରାଜ୍ୟ ପୁସ୍ତକମେଳାର ନବମ ସନ୍ଧ୍ୟାରେ ପକ୍ଷୀଘର ପ୍ରକାଶନୀର ଏହି ୭ଟି ପୁସ୍ତକକୁ ଲୋକାର୍ପଣ କରି ମୁଖ୍ୟ ଅତିଥି ତଥା କବି ହରପ୍ରସାଦ ଦାସ କହିଲେ, ଓଡ଼ିଆ ଭାଷା ଦ୍ୱିତୀୟ ସମୃଦ୍ଧ ଭାଷା। ଆମ ଭାଷାରେ ଯାଦୁକାରୀ ସ୍ପର୍ଶ ଅଛି। କଥାଶିଳ୍ପୀ ଅଜୟ ସ୍ୱାଇଁ କହିଲେ, ଯିଏ ଜାଲରେ ମାଛ ଧରେ, ତାକୁ ଶବ୍ଦ ଧରିବାକୁ କେତେ ସମୟ। ଓଡ଼ିଆ ସାହିତ୍ୟରେ ଅନ୍ୟତମ ସବ୍ୟସାଚୀ ହେଉଛନ୍ତି ସୁଧାକର ମହାନ୍ତି। ବିଶିଷ୍ଟ ସାହିତ୍ୟ ସମାଲୋଚକ ନକୁଳ ଚନ୍ଦ୍ର ସାହୁ କହିଲେ, ସୁଧାକରଙ୍କ କବିତା ବଳିଷ୍ଠ ଓ ଦୀପ୍ତିମାନ। ଶକୁନ୍ତଳା ବଳିଆରସିଂ ଅତିଥି ଭାବେ ଯୋଗଦେଇ କହିଲେ, ରେବା ପଟ୍ଟନାୟକଙ୍କ ଅନୁବାଦ ଓଡ଼ିଆ ପାଠକଙ୍କୁ ସବୁସମୟରେ ଆକୃଷ୍ଟ କରିବ। କଥାଶିଳ୍ପୀ ସରୋଜିନୀ ସାହୁ କହିଲେ, ଅନୁବାଦ ହିଁ ସାହିତ୍ୟର ପାଠକ ସୃଷ୍ଟି କରିବାରେ ସହଯୋଗ କରିବ। ଲେଖକ ପ୍ରଦ୍ୟୁମ୍ନ ପଟ୍ଟନାୟକ, ଅନୁବାଦିକା ରେବା ପଟ୍ଟନାୟକ, ସୁଧାକର ମହାନ୍ତି, କମଳ କୁମାରୀ ଦାଶ ପ୍ରମୁଖ ଲେଖକୀୟ ବକ୍ତବ୍ୟ ରଖିଥିଲେ।

## ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ସଟଲ୍ ସ୍ମାଶର୍ସ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବାଲିଅନ୍ତା, ୧୪।୧୨ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଶନିବାର ୮ମ ବାର୍ଷିକ ଆନ୍ତଃ ବିଜନେସ ସ୍କୁଲ ଓପନ ଡୋର ବ୍ୟାଡମିଣ୍ଟନ ପ୍ରତିଯୋଗିତା ସଟଲ୍ ସ୍ମାଶର୍ସ -୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେଲ ଟ୍ରଷ୍ଟର ଚେୟାରମେନ ରୋଟାରିଆନ ବିଜୟ କୁମାର ପାତ୍ର ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଛାତ୍ରୀଛାତ୍ରଙ୍କୁ ଖେଳର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ଡ. ଶର୍ମିଳା ସୁବ୍ରମନିୟନ ଛାତ୍ରୀଛାତ୍ରଙ୍କୁ ଏହି ପ୍ରତିଯୋଗିତା ସମ୍ପର୍କରେ ଅବଗତ କରିଥିଲେ। ୨ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉଦଘାଟନୀ ଉତ୍ସବକୁ ପ୍ରଫେସର ଅନନ୍ୟା ସ୍ୱାଇଁ ପରିଚାଳନା କରିଥିଲେ। ପ୍ରତିଯୋଗିତାର ସଂଯୋଜକ ପ୍ରଫେସର ଜୀନାଶିଷ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରଫେସର ଦୀପନ ଜେନା, ପ୍ରଫେସର ଏମ୍‌ଡି ଆସିଫ ଖାନ୍, ପ୍ରଫେସର ପ୍ରମିତ ଚନ୍ଦ୍ର ରାଉତ, ପ୍ରଫେସର ମନୋଜ ବେହେରା ଓ ପ୍ରଫେସର କାଳୀପ୍ରସାଦ ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶେଷ ମାସିକ କବିତା ଓ କ୍ଷୁଦ୍ରଗଳ୍ପ ଆସର

ଭୁବନେଶ୍ୱର, ୧୪।୧୨ (ସୌମ୍ୟରଞ୍ଜନ ରାଉତ)

କୋଠଘର ଆମ ସାହିତ୍ୟ ପରିବାରର ଶେଷ ମାସିକ କବିତା ଓ କ୍ଷୁଦ୍ର ଗଳ୍ପ ଆସର ଏବଂ ୨୦୨୫ ଲାଗି କାର୍ଯ୍ୟସୂଚୀ ପ୍ରସ୍ତୁତି ଆଲୋଚନା ଅନୁଷ୍ଠିତ ହୋଇଯାଇଛି। କୋଠଘରର ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଇନ୍ଦିରା ଗାନ୍ଧୀ ପାର୍କର ମନୋରମ ପରିବେଶ ଭିତରେ ଅନେକ କବି ସାହିତ୍ୟିକ ଯୋଗଦେଇ କବିତା ଓ ଗଳ୍ପ ପାଠ କରିଥିଲେ। କବି ବିନୋଦିନୀ ପାତ୍ର ଓ ରାଜଲକ୍ଷ୍ମୀ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। କବି ଅଲେଖ ଚରଣ ରାଉତ, କବି ଡ. ପ୍ରତାପ ରଞ୍ଜନ ମହାନ୍ତି, କିରଣ ନାୟକ, ସାତୀବାଳା ମହାପାତ୍ର, ନିନାଦିନୀ ମହାନ୍ତି, ଆଶାଲତା ଦୀକ୍ଷିତ, ରାଜଲକ୍ଷ୍ମୀ ତ୍ରିପାଠୀ, ସସ୍ମିତା ଦାଶ ଓ ସୁଜାତା ସାହୁ ଯୋଗ ଦେଇ କବିତା ଓ ଗଳ୍ପ ପାଠ କରିଥିଲେ। କୋଠଘରର ଉପସଭାପତି ଅଧ୍ୟାପକ ଭାବଗ୍ରାହୀ ବଳ ଧନ୍ୟବାଦ ଦେଇଥିଲେ।


ଆସରରେ ଯୋଗଦେଇଥିବା କବି ଓ ସାହିତ୍ୟିକମାନେ।

## ଖବରଦାତାଙ୍କୁ ହତ୍ୟା ଧମକ, ଜଣେ ଅଟକ

ଖୋର୍ଦ୍ଧା, ୧୪।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହୋତ୍ସବ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଖବର ପରିବେଷଣକୁ କେନ୍ଦ୍ରକରି ଜଣେ ୱେବ ମିଡିଆ ଖବରଦାତାଙ୍କୁ ଟେଲିଫୋନରେ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ମୁତାବକ, ଏକ ଘରୋଇ ୱେବ ମିଡିଆରେ କାର୍ଯ୍ୟରତ ଖବରଦାତାଙ୍କୁ ଜଣେ ବ୍ୟକ୍ତି ମହୋତ୍ସବରେ ଖବର ପରିବେଷଣକୁ ନେଇ ଟେଲିଫୋନରେ ଗାଳିଗୁଲଜ ସହ ୨୦ରୁ ୨୫ ଖବରଦାତାଙ୍କ ବିରୋଧରେ କଟୁ ମନ୍ତବ୍ୟ ଦେଇଥିଲେ। ମହୋତ୍ସବ ବିରୋଧରେ ଖବର ପରିବେଷଣ କଲେ ଘରେ ପଶି ଆକ୍ରମଣ ସହ ହତ୍ୟା ଧମକ ଦେଇଥିଲେ। ଏପରିକି ମହୋତ୍ସବ ବିରୋଧରେ କେହି କିଛି ଲେଖିଲେ ବ୍ଲେଡ ଲଗାଇ କାଟି ଦେବେ ବୋଲି ଧମକ ଦେଇଥିଲେ। ଦୁଇଦିନ ତଳେ ସମ୍ପୃକ୍ତ ଖବରଦାତା ଘରକୁ ଫେରୁଥିବା ବେଳେ ତାଙ୍କୁ ପିଛା କରି ମହୋତ୍ସବ ବିରୋଧରେ ଖବର ପରିବେଷଣ କଲେ ଭଲ ହେବନି ବୋଲି ଧମକ ଦେଇଥିଲେ। ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ସମ୍ପୃକ୍ତ ଖବରଦାତା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଥାନା ଅଧିକାରୀ ସଞ୍ଜୟ ନାୟକ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଚାଲିଛି। ମୋବାଇଲ ରେକର୍ଡିଂ ଯାଞ୍ଚ କରାଯାଇଛି।

## 'ଅକ୍ଷୟ ଶକ୍ତିର ଅଗ୍ରଗତି ଓ ନିରନ୍ତର ବିକାଶ' ଉପରେ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୧୪।୧୨ (ଅନୁରାଧା ମହାରଣା)

ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସରେ 'ଅକ୍ଷୟ ଶକ୍ତିର ଅଗ୍ରଗତି ଓ ନିରନ୍ତର ବିକାଶ' ଉପରେ ୨ଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଏବଂ ମୁଖ୍ୟବକ୍ତା ଭାବେ ଓପିଟିସିଏଲ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଉପଲକ୍ଷେ ଆୟୋଜିତ ପୋଷ୍ଟର ପ୍ରଦର୍ଶନ ପ୍ରତିଯୋଗିତାକୁ ବରିଷ୍ଠ କାଉନ୍‌ସିଲ ସଭ୍ୟ ପ୍ରଫେସର ଡ. ଆର. ଭିମାରାଓ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବୈଷୟିକ ଅନୁଷ୍ଠାନର ୧୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର, ଶିକ୍ଷାବିତ୍, ଗବେଷକ, ଶିଳ୍ପୋଦ୍ୟୋଗ ଶିକ୍ଷାର୍ଥୀ ବୈଷୟିକ ଅଧିବେଶନରେ ନିଜ ଗବେଷଣାମୂଳକ ନିବନ୍ଧ ଉପସ୍ଥାପନ କରିଥିଲେ। ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ ଓଡିଶା ଶାଖାର ଅଧ୍ୟକ୍ଷ ପ୍ରଫେସର ଡ. ସୁଧାଂଶୁ ଶେଖର ଦାଶ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଇଂ. ସଂଗ୍ରାମ କେଶରୀ ପଟ୍ଟନାୟକ, ଆବାହକ ପ୍ରଫେସର ଡ. ସଂଗ୍ରାମ କେଶରୀ ରାଉତରାୟ ଓ ସହ ଆବାହକ ପ୍ରଫେସର ଡ. ଦିଲୀପ କୁମାର ସାହୁ ସମ୍ପାଦନା କରିଥିଲେ। ବୈଷୟିକ ଅଧିବେଶନକୁ ଡ. ସିଦ୍ଧାର୍ଥ ପଣ୍ଡା, ଡ. ଆଶିଷ ମଲ୍ଲିକ, ଡ. ପ୍ରକାଶ ଚନ୍ଦ୍ର ରାୟ ଏବଂ ଡ. ଗିରିଜା ଶଙ୍କର ପାଣିଗ୍ରାହୀ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

## ଓଡ଼ିଆଙ୍କ ସ୍ୱାଭିମାନ ପାଇଁ ନୀଳମଣିଙ୍କ ଅବଦାନ ଅବିସ୍ମରଣୀୟ

### ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଜୟନ୍ତୀ

ଭୁବନେଶ୍ୱର, ୧୪।୧୨ (ସୁଚିସ୍ମିତା ସାହୁ)

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଜଣେ ଦେଶସେବୀ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାହିତ୍ୟିକ ଏବଂ ସମ୍ପାଦକ ଥିଲେ। ସେ ଭାଷା ସାହିତ୍ୟର ପୃଷ୍ଠପୋଷକ ଥିଲେ। ଓଡିଆଙ୍କ ସ୍ୱାଭିମାନ ପାଇଁ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ଭୁବନେଶ୍ୱର ପକ୍ଷରୁ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ଇଷ୍ଟର୍ଣ୍ଣ ମିଡ଼ିଆ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବଡଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ସ୍ମୃତି ସଂସଦ ସଭାପତି ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ବିଦ୍ୟାରତ୍ନଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ ନୀଳମଣି ବିଦ୍ୟାରତ୍ନଙ୍କୁ ଓଡିଆ ଭାଷା ସୁରକ୍ଷାର ଜନକ ତଥା ଭାଷା ଆନ୍ଦୋଳନର କର୍ଣ୍ଣଧାର ଏବଂ ଓଡିଶା ରାଜ୍ୟ ଗଠନର ମୂଳଦୁଆ ପଡିବାର ମୁଖ୍ୟ ବିନ୍ଧାଣି ବୋଲି କହିଥିଲେ। ସ୍ମୃତି ସଂସଦ ସମ୍ପାଦକ ଡା. କୃଷ୍ଣ କେଶବ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପଣ୍ଡିତ ବିଦ୍ୟାରତ୍ନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ନାଦବ୍ରହ୍ମ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଜୟଦେବ ବିହାରସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅଭିଭାଷଣ ରଖୁଛନ୍ତି।

# ଏସ୍‌ସିବିରେ ପ୍ରବେଶ ନିଷେଧ ନିୟମକୁ ଏମ୍‌ଆର୍‌ଙ୍କ ବେଖାତିର

■ପାଳନ ହେଉନି ସ୍ୱାସ୍ଥ୍ୟ ବିଭାଗର ନିୟମାବଳୀ

■ଚିକିତ୍ସା ସେବା ବାଧାପ୍ରାପ୍ତ, ରୋଗୀ ଅସନ୍ତୁଷ୍ଟ

କଟକ,୧୪।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ସମେତ ରାଜ୍ୟର କୌଣସି ସରକାରୀ ହସ୍ପିଟାଲର ବିଭିନ୍ନ ବିଭାଗ ପରିସରରେ ମେଡିସିନ ରିପ୍ରେଜେଣ୍ଟେଟିଭ (ଏମ୍‌ଆର୍) ପ୍ରବେଶ ନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ନିୟମାବଳୀ ରହିଛି। ତଦନୁଯାୟୀ ଏସ୍‌ସିବି ମେଡିକାଲ ଅଧୀକ୍ଷକ ମେଡିକାଲରେ ଏମ୍‌ଆର୍‌ଙ୍କ ପ୍ରବେଶ ନିଷେଧ ନେଇ ସ୍ୱତନ୍ତ୍ର ସୂଚନା ଜାରି କରିଥିଲେ। ଯଦି ମେଡିକାଲର ବିଭିନ୍ନ ବିଭାଗରେ ଏମ୍‌ଆର୍ ପଶି ଡାକ୍ତରଙ୍କ ସହିତ ଆଲୋଚନା କରିବା ଦେଖିବାକୁ ମିଳେ ତା'ହେଲେ ଏଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୁହାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ବିଭାଗର ନିୟମାବଳୀକୁ ଏସ୍‌ସିବି ମେଡିକାଲରେ ପାଳନ କରାଯାଉନାହିଁ। କିଛିଦିନ ତଳେ ମେଡିକାଲର ଚର୍ମରୋଗ ବିଭାଗରେ ବହୁ ସଂଖ୍ୟକ ଏମ୍‌ଆର ପଶି ଡାକ୍ତରଙ୍କୁ ଭେଟି ଆଲୋଚନା କରିଥିଲେ।


ଏସ୍‌ସିବି ମେଡ଼ିକାଲ ଚର୍ମରୋଗ ବିଭାଗ ପରିସରରେ ଡାକ୍ତରଙ୍କ ଆଲୋଚନା କରୁଛନ୍ତି ଏମ୍‌ଆର୍।

ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ଜାଣିବା ପରେ ସେମାନଙ୍କୁ ତାଗିଦ୍ କରିଥିଲେ। ହେଲେ ଏଭଳି ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି। ପ୍ରତିଦିନ ମେଡିକାଲର ବିଭିନ୍ନ ବିଭାଗରେ ଏମ୍‌ଆର୍ ପଶି ଡାକ୍ତରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରୁଛନ୍ତି। ଏଥିଯୋଗୁ ରୋଗୀସେବା ବାଧାପ୍ରାପ୍ତ ହେଉଛି।

ଅନେକ ରୋଗୀ ଦୀର୍ଘ ସମୟ ଧରି ଧାଡିରେ ଛିଡାହେବା ପରେ ନିରାଶ ହୋଇ ଫେରୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗର ନିୟମକୁ ଏସ୍‌ସିବିରେ କଡ଼ାକଡ଼ି ପାଳନ କରିବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଦାବି କରିଛନ୍ତି।

ମେଡିକାଲ ପରିସରରେ ନିରାମୟ କେନ୍ଦ୍ର ଖୋଲାଯାଇଛି। ସେଠାରେ ରୋଗୀଙ୍କୁ ବିନା ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି। ଏଥିଯୋଗୁ ମେଡିକାଲରେ ଏମ୍‌ଆର୍ ପ୍ରବେଶ କରିବା କୌଣସି ଆବଶ୍ୟକତା ନାହିଁ। ତଥାପି ସେମାନେ ମେଡିକାଲକୁ ଆସି ରୋଗୀ ସେବାରେ ବାଧା ପହଞ୍ଚାଉଛନ୍ତି। ଏନେଇ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ମଣିଶଙ୍କର ପାଲ୍ କହିଛନ୍ତି, ଏସ୍‌ସିବିରେ କଟକଣା କଡ଼ାକଡ଼ି ପାଳନ କରାଯାଉ ନ ଥିବାରୁ ମେଡିସିନ ରିପ୍ରେଜେଣ୍ଟେଟିଭମାନେ ବିଭିନ୍ନ ବିଭାଗରେ ପଶୁଛନ୍ତି। ରୋଗୀମାନେ ଦୀର୍ଘ ସମୟଧରି ଧାଡିରେ ଛିଡା ହୋଇଥିଲେ ମଧ୍ୟ ଡାକ୍ତର ସେମାନଙ୍କ ପ୍ରତି ଦୃଷ୍ଟି ନ ଦେଇ ଏମ୍‌ଆରଙ୍କୁ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ରୋଗୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏନେଇ ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ କହିଛନ୍ତି, ଏସ୍‌ସିବିରେ ଏମ୍‌ଆର ପ୍ରବେଶ ନ କରିବା ପାଇଁ କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ସେମାନେ ବିଭିନ୍ନ ବିଭାଗରେ ପଶି ଡାକ୍ତରଙ୍କ କାର୍ଯ୍ୟରେ ବାଧାଦେବା ଆଦୌ ଗ୍ରହଣୀୟ ନୁହେଁ। ଯଦି ଏଭଳି କେହି କରିବା ନଜରକୁ ଆସେ ତେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଆଗାମୀ ଦିନରେ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯିବ।

# ଲିଗ୍ ମ୍ୟାଚ୍‌ରେ ୩ ଟିମ୍ ବିଜୟୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ମଧୁ ବାରିଷ୍ଟର ଆନ୍ତଃଜିଲା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କଟକ,୧୪।୧୨(କାର୍ତ୍ତିକ ସାହୁ)

କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ତ୍ରିଶୂଳିଆସ୍ଥିତ ନରଣପୁର ଖେଳପଡ଼ିଆରେ ଚତୁର୍ଥ ଆନ୍ତଃଜିଲା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଖେଳାଯାଇଥିବା ଲିଗ୍ ମ୍ୟାଚରେ ଭୁବନେଶ୍ୱର ବାର୍ ଆସୋସିଏଶନ, ଡିଷ୍ଟ୍ରିକ୍ ଜଜ ଇଲେଭେନ ଓ କଟକ ବାର୍ ଆସୋସିଏଶନ ବିଜୟୀ ହୋଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱର ବାର୍ ଆସୋସିଏଶନ ଓ ଡିଷ୍ଟ୍ରିକ ଜଜ୍ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଭୁବନେଶ୍ୱର ବାର୍ ଆସୋସିଏଶନ ବିଜୟ ଲାଭ କରି ରବିବାର ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ପ୍ରବେଶ କରିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ ଶିତିକାନ୍ତ ସାମଲ, ଅନ୍ୟ ଅତିଥି ଭାବେ ବାର୍ କାଉନସିଲ ଅଫ୍ ଓଡ଼ିଶାର ସଦସ୍ୟ ଅକ୍ଷୟ ପତି, କ୍ରିମିନାଲ କୋର୍ଟସ ବାର ଆସୋସିଏଶନର ପୂର୍ବତନ ସଭାପତି ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ବାର୍ କାଉନସିଲ ଓଡ଼ିଶାର ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ସଞ୍ଜୀବ କୁମାର ଜେନା, ପ୍ରଭାତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ଉପଦେଷ୍ଟା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି, ଆଇନଜୀବୀ ନିରଞ୍ଜନ ବେହେରା, ହରି ଓଝା, ରୋହିତ ରଞ୍ଜନ ସ୍ୱାଇଁ, ବିଶ୍ୱଜିତ୍ ସିଂ, ଅରବିନ୍ଦ ପଟ୍ଟନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ପ୍ରଭାତ ସାହୁ, ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ବିଭିନ୍ନ ମାମଲାର ସମାଧାନ କରୁଛନ୍ତି।

# ୩୦,୦୬,୪୫,୭୨୯ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ସ୍ଥିରୀକୃତ

## ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ

କଟକ,୧୪।୧୨ (କାର୍ତ୍ତିକ ସାହୁ)

କଟକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତ ବର୍ଷର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଓ ଦୌରାଜଜ କୋର୍ଟ ସମେତ ତାଲୁକ ସ୍ତରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୯,୨୫୫ଟି ମାମଲା ମଧ୍ୟରୁ ୧୦,୦୫୦ଟି ଫଇସଲା କରାଯାଇଥିଲା। ଏଥିସହ ୩୦,୦୬,୪୫,୭୨୯ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ବାବଦକୁ ସ୍ଥିର କରାଯାଇଛି। ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଜନିତ, ପାରିବାରିକ ବିବାଦ, ଜମି ଅଧିଗ୍ରହଣ, ବିଦ୍ୟୁତ୍ ଅଧିନିୟମ, ଚେକ୍ ବାଉନ୍ସ, ରାଜସ୍ୱ ଓ ପ୍ରାକ୍‌ବିବାଦୀୟ ମାମଲାଗୁଡ଼ିକର ଫଇସଲା କରାଯାଇଥିଲା। ଏହି ଅବସରରେ ଆଡ୍‌ମିନିଷ୍ଟ୍ରେଟିଭ ଜଜ୍ ଫର୍ କଟକ ଜଜ୍‌ଶିପ୍ ବିଚାରପତି ସଙ୍ଗମ କୁମାର ସାହୁ କୋର୍ଟ ପରିଦର୍ଶନ କରି ମାମଲାର ଫଇସଲା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। କଟକ ଜିଲା ଓ ଦୌରାଜଜ ତଥା କଟକ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ହିରଣ୍ମୟ ବିଶୋଇଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟରେ ବିଚାରପତିମାନେ ନିଜ ନିଜ କୋର୍ଟରେ ମାମଲାର ଫଇସଲା କରାଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଲୋକ ଅଦାଲତ ପରିଚାଳନା କରିଥିଲେ।

# ୧୩୮ ମାମଲାର ଆପୋସ ସମାଧାନ

## ହାଇକୋର୍ଟରେ ଲୋକ ଅଦାଲତ

## ୧୦,୬୦,୦୯,୧୩୫ ଟଙ୍କା କ୍ଷତିପୂରଣ ରାଶି ସ୍ଥିର

କଟକ,୧୪।୧୨ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨୮ଟି ମାମଲା ଆପୋସ ସମାଧାନ ପାଇଁ ଗ୍ରହଣ କରାଯାଇଥିବାବେଳେ ୧୩୮ଟି ସମାଧାନ କରାଯାଇଛି। ସେଥିମଧ୍ୟରେ ୧୨୭ଟି ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ୭ଟି ଏନ୍‌ଆଇ ଆକ୍ଟ ମାମଲା, ଗୋଟିଏ ଜମିଜମା ସଂକ୍ରାନ୍ତୀୟ ଓ ଗୋଟିଏ ବୈବାହିକ ବିବାଦ ମାମଲାର ସମାଧାନ ହୋଇଛି। କ୍ଷତିପୂରଣ ଅଥବା ଜରିମାନା ବାବଦକୁ ୧୦ କୋଟି ୬୦ ଲକ୍ଷ ୯ ହଜାର ୧୩୫ ଟଙ୍କାର ଅର୍ଥରାଶି ଆଦାୟ ପାଇଁ ସ୍ଥିର ହୋଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଅରିନ୍ଦମ ସିହ୍ନା ଓ ହାଇକୋର୍ଟ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ବିଚାରପତି ଦେବବ୍ରତ ଦାଶଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ, ସାବିତ୍ରୀ ରଥ, ଆଦିତ୍ୟ କୁମାର ମହାପାତ୍ର, ଭି. ନରସିଂହ, ବି.ପି. ଶତପଥୀ, ଏମ୍.ଏସ୍. ରମଣ, ସଞ୍ଜୟ କୁମାର ମିଶ୍ର, ଚିତ୍ତରଞ୍ଜନ ଦାଶ, ଶିବଶଙ୍କର ମିଶ୍ରଙ୍କ ସମେତ ଅନ୍ୟ ବିଚାରପତି ବିଭିନ୍ନ ବେଞ୍ଚରେ ଅଧ୍ୟକ୍ଷତା କରି ମାମଲାଗୁଡ଼ିକର ସମାଧାନ କରାଇଥିଲେ।

# ଶୋଭାଯାତ୍ରାରେ ଶକ୍ତି ସଂରକ୍ଷଣ ବାର୍ତ୍ତା




ଖୁଣ୍ଟୁଣୀ,୧୪।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ନୋଡାଲ ବିଦ୍ୟାଳୟ ପରିସରରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ସୌମେନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରି କହିଛନ୍ତି, ପ୍ରତ୍ୟେକ କ୍ଷେତ୍ରରେ ଶକ୍ତିର ଆବଶ୍ୟକତା ଜରୁରୀ। ତେଣୁ ଏହାର ସଂରକ୍ଷଣ ନିହାତି ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାମଲ, ରୁନୁବାଳା ମହାନ୍ତି, ରମେଶ ଚନ୍ଦ୍ର ଦାସ ଓ ଅର୍ଚ୍ଚନା ପ୍ରିୟଦର୍ଶିନୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶକ୍ତି ସଂରକ୍ଷଣ ଉପରେ ସଚେତନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଖୁଣ୍ଟୁଣୀ ବଜାର ଏବଂ ଗ୍ରାମ ପରିକ୍ରମା କରି ଲୋକଙ୍କୁ ଶକ୍ତି ସଂରକ୍ଷଣର ବାର୍ତ୍ତା ବାଣ୍ଟିଥିଲେ।

# 'ପୁସ୍ତକ ପ୍ରକାଶନ କ୍ଷେତ୍ରରେ ପ୍ରୁଫ୍ ସଂଶୋଧକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'


ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ,୧୪।୧୨ (କାର୍ତ୍ତିକ ସାହୁ)

ଠିକ୍ ପ୍ରୁଫ୍ ସଂଶୋଧନ ହେଉ ନ ଥିବାରୁ ଓଡ଼ିଆ ଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକରେ ଅସଂଖ୍ୟ ବର୍ଣ୍ଣାଶୁଦ୍ଧି ଦେଖାଦେଇ ଭାଷା ବିକୃତ ହୋଇଯାଉଛି। ଆମ ସାହିତ୍ୟ କ୍ଷେତ୍ରରେ କାଳିନ୍ଦୀ ଚରଣ ପାଣିଗ୍ରାହୀ, ପଣ୍ଡିତ କୃଷ୍ଣଚନ୍ଦ୍ର କର, ରାମକୃଷ୍ଣ ନନ୍ଦଙ୍କ ପରି ପ୍ରୁଫ୍ ସଂଶୋଧକଙ୍କ ଆବଶ୍ୟକତା ରହିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍ ସଂଶୋଧକଙ୍କୁ ପୁରସ୍କାର ପ୍ରଦାନ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଶଙ୍କର୍ଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ମଦନ ମୋହନ ଦାସ ଓ ମୁଖ୍ୟବକ୍ତା ପ୍ରଫେସର ଡ. ଯତୀନ୍ଦ୍ର କୁମାର ନାୟକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚଳିତବର୍ଷ ପାଇଁ ସ୍ୱର୍ଗତା ଶୈଳବାଳା ମହାପାତ୍ର ଓ ଡ. ଶମ୍ଭୁଦୟାଲ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ପ୍ରୁଫ୍ ସଂଶୋଧକ ଭାବରେ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। ସ୍ୱର୍ଗତା ମହାପାତ୍ରଙ୍କ ପକ୍ଷରୁ ତାଙ୍କ କନ୍ୟା ମଧୁସ୍ମିତା ଆଚାର୍ଯ୍ୟ ଏହି ପୁରସ୍କାର ଗ୍ରହଣ କରିଥିଲେ। ରମ୍ୟ-ବ୍ୟଙ୍ଗ ଲେଖକ ରାଧାଶ୍ୟାମ ରାଉଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଡ. ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ବାବାଜୀ ଚରଣ ପଟ୍ଟନାୟକ, ତରୁଣ କୁମାର ସାହୁ, ଡ. ସୁନାମଣି ରାଉତ, କାନ୍ତିବାଳା ନାୟକ, ପ୍ରଫେସର ଦିନେଶ ପଟ୍ଟନାୟକ, ଡ. ଶଚୀନ୍ଦ୍ର ରାଉଳ, ପ୍ରାଧ୍ୟାପିକା ଚିତ୍ରା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଦୀପକ କୁମାର ମହାନ୍ତ ମଞ୍ଚ ପରିଚାଳନା ଓ ଶିକ୍ଷାବିତ୍ ତୁଷାରକାନ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# 'ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଆଗେଇ ଆସନ୍ତୁ'



ସାରଳା ଭବନରେ ଅନୁଷ୍ଠିତ ଓଡ଼ିଶା ଅମଲା ସଂଘ କଟକ ଜିଲା ଶାଖାର ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

## ଓଡ଼ିଶା ଅମଲା ସଂଘ କଟକ ଜିଲା ଶାଖାର ସମ୍ମିଳନୀ

କଟକ,୧୪।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ଅମଲା ସଂଘ କଟକ ଜିଲା ଶାଖାର ପଞ୍ଚଦଶ-ତ୍ରୟବାର୍ଷିକ ସମ୍ମିଳନୀ ଶନିବାର କଟକ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା ଯୋଗଦେଇଥିଲେ। ସରକାରୀ କାର୍ଯ୍ୟରେ ଅମଲାମାନଙ୍କର ପ୍ରମୁଖ ଭୂମିକା ରହିଛି। ସଂଘକୁ ସୁଦୃଢ କରିବା ସହ ଏକ ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଅମଲାମାନେ ଆଗେଇ ଆସନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂଘ ସମ୍ପାଦକ ଅଜୟ କୁମାର ଜେନା ମୌଳିକ ସମସ୍ୟା ସମେତ କେତେକ ଦାବି ଉପସ୍ଥାପନ କରିଥିଲେ। ଅମଲାମାନଙ୍କ ବେତନ ବୃଦ୍ଧି, ଅମଲା ସଂଘର ନାମ ସଂଶୋଧନ, କନିଷ୍ଠ ସହାୟକଙ୍କ ଦରମା ୯୩୦୦ ଓ ଗ୍ରେଡ୍ ପେ ୪୨୦୦ ଟଙ୍କା କରିବା, ଅମଲା ପରିବାର ସଦସ୍ୟଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇବା, ପୂର୍ବ ନୀତି ଅନୁଯାୟୀ ମୃତ କର୍ମଚାରୀଙ୍କ ପରିବାରକୁ ଚାକିରି ପ୍ରଦାନ ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିବାବେଳେ ଅତିଥିମାନେ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମ୍ମିଳନୀରେ କଟକ ଜିଲାର ୩୨ଟି ବିଭାଗର ଜିଲାସ୍ତରୀୟ ଅମଲା, ଓଡ଼ିଶା ଅମଲା ସଂଘର ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ। ସଂଘ ସଦସ୍ୟ ବିରଞ୍ଚି ବରାଳ ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ଡ୍ରିମ୍‌ସ ମେଡିକାଲ କଲେଜ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



କଟକ ଶ୍ରୀରାମ ନଗରସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଅଫ୍ ନିଉ ଥଟ୍ ଓ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଅତ୍ରି, ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକଙ୍କ ଭିଡ଼

ଖୋର୍ଦ୍ଧା,୧୪।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ପ୍ରାକୃତିକ ସବୁଜ ବନାନୀ ପରିବେଶ ମଧ୍ୟରେ ରହିଛି ବରୁଣେଇ। ଏହାର ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହୁଥିଲେ ମଧ୍ୟ ଡିସେମ୍ବର, ଜାନୁଆରୀରେ ବଣଭୋଜିର ଆୟୋଜନ ହୋଇଥାଏ। ପର୍ଯ୍ୟଟକମାନେ ଏଠାରେ ମା' ବରୁଣେଇ ଏବଂ କରୁଣେଇଙ୍କ ଦର୍ଶନ ସହ ବଣଭୋଜି କରିଥାନ୍ତି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ବରୁଣେଇ ପାହାଡ଼ର ବିଶେଷ ଆକର୍ଷଣ ରହିଛି। ପାହାଡ଼ ଶୀର୍ଷରେ ରହିଥିବା ଐତିହ୍ୟ କୀର୍ତ୍ତିରାଜି ଦର୍ଶନ ଏବଂ ସବୁଜମୟ ପରିବେଶ ପର୍ଯ୍ୟଟକଙ୍କୁ ଆକର୍ଷଣ କରିଥାଏ। ପାହାଡ଼ର ନାଭିଦେଶରୁ ପ୍ରବାହିତ ଝରଣା, ପାଇକ ବିଦ୍ରୋହର ମୂକସାକ୍ଷୀ ହେଉଛି ବରୁଣେଇ ପାହାଡ଼। ଏହାର ନିକଟରେ ରହିଛି ଐତିହ୍ୟ ଗଡ଼ଖୋର୍ଦ୍ଧା। ଏଥିସହ ନିକଟରେ ସ୍ମାର୍ଟ ପାର୍କ ରହିଛି। ବରୁଣେଇ ପୌର ପ୍ରଶାସନ ପକ୍ଷରୁ ପିଲାଙ୍କ ଲାଗି ଏକ ଶିଶୁ ଉଦ୍ୟାନ ବ୍ୟବସ୍ଥା ରହିଛି। ଏହି ପର୍ଯ୍ୟଟନସ୍ଥଳର ବିକାଶ ହେଲେ ଆହୁରି ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଗଡ଼ମାଣିତ୍ରୀ ଏବଂ ମା' ଉଗ୍ରତାରାଙ୍କ ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଛି। ଉଭୟ ପୀଠର ମା'ଙ୍କ ମହିମା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଟାଣିଆଣିଥାଏ। ସେହିପରି ଅତ୍ରି ଉଷ୍ମ ପ୍ରସ୍ରବଣରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ଉଷ୍ମ ପ୍ରସ୍ରବଣ କୁଣ୍ଡ(କୁଆକୁଣ୍ଡ)ରେ ଗରମ ଜଳର ଉବୁକା



ଅତ୍ରି ଉଷ୍ମ ପ୍ରସ୍ରବଣ।



ମଙ୍ଗଳାଯୋଡ଼ି।

### ବରୁଣେଇରେ ଜମୁଛି ବଣଭୋଜି

ଦର୍ଶନ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଶ୍ରଦ୍ଧାଳୁମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ ଦୂବ, ତୁଳସୀ, ବରକୋଳି ପତ୍ର ଆଦି ନିକ୍ଷେପ କରିଥାନ୍ତି। ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପିତ କରାଯାଏ। ଉଷ୍ମଜଳରେ ସ୍ନାନକଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଉଷ୍ମ ପ୍ରସ୍ରବଣରେ ସ୍ନାନସାରି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଅନ୍ୟପଟେ ନୀଳାମ୍ବୁ ଚିଲିକାକୁ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ଆଗମନ ହେଲାଣି। ବିଦେଶାଗତ ପକ୍ଷୀଙ୍କ ଆଗମନ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି। ଏଥିସହ ପର୍ଯ୍ୟଟକଙ୍କ ମଧ୍ୟ ଭିଡ଼ ଜମିଲାଣି। କିଚିରି ମିଚିରି କଳରବରେ ଫାଟିପଡୁଛି ଚିଲିକା। ମଙ୍ଗଳାଯୋଡ଼ିକୁ ପକ୍ଷୀଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ। ମଙ୍ଗଳାଯୋଡିରୁ ଚିଲିକାର ନୀଳ ଜଳରାଶି, ପ୍ରକୃତିର ନୈସର୍ଗିକ ଦୃଶ୍ୟପଟ୍ଟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଥିସହିତ ପକ୍ଷୀଙ୍କ ସମାହାର ବିମୋହିତ କରିଥାଏ। କ୍ୟାମେରା ଲେନ୍ସରେ ପକ୍ଷୀଙ୍କ ଉଡ଼ନ୍ତା ଦୃଶ୍ୟ ହେଉ କିମ୍ବା ନଳବଣ ଏବଂ ରାଜଦଳରେ ଖାଦ୍ୟ ଅନ୍ୱେଷଣ କରୁଥିବା ପକ୍ଷୀଙ୍କ ଫଟୋ ଉଠାଇବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେହିପରି ପର୍ଯ୍ୟଟକମାନେ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ କାଳିଜାଇ ପୀଠରେ ମା' କାଳିଜାଇଙ୍କ ଦର୍ଶନ କରିଥାନ୍ତି।

## ନିରାକାରପୁରରେ ହାତୀ, ଲୋକେ ଭୟଭୀତ

ନିରାକାରପୁର,୧୪।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)



ନିରାକାରପୁର ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଶନିବାର ସନ୍ଧ୍ୟାରେ ଏକ ହାତୀ ନିରାକାରପୁର ସରକାରୀ ମେଡିକାଲ ଛକ ଦେଇ ମଞ୍ଜାରିଆ ପାଟଣା ଅଞ୍ଚଳରେ ପଶିଥିଲା। ଫଳରେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ସେହିପରି ନୂଆ ଜଗନ୍ନାଥ ସଡ଼କ ସହିତ ମଞ୍ଜାରିଆ, ମିରିଗଦୟଣୀ, ଚନ୍ଦନପୁର ଓ ତାଳପଡ଼ା ଗ୍ରାମ୍ୟ ରାସ୍ତା ଏକପ୍ରକାର ଶୂନ୍‌ଶାନ୍ ରହିଛି। ଅନ୍ୟପଟେ ସନ୍ଧ୍ୟାରେ କୌଣସି କାରଣରୁ ବିଦ୍ୟୁତ୍ ସରବରାହ ବନ୍ଦ ହେଲେ ଟ୍ୟୁଶନକୁ ଯାଇଥିବା ପିଲାମାନଙ୍କୁ ଆଣିବା ପାଇଁ ଅଭିଭାବକମାନେ ଦଳ ଦଳ ହୋଇ ଯାଉଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି। ବନ ବିଭାଗ ସୂଚନା ଅନୁଯାୟୀ, ନିରାକାରପୁର ପଞ୍ଚାୟତର ରାଉଳହଜରେ ଗୋଟିଏ, ରାମେଶ୍ୱର ପଞ୍ଚାୟତ ମିରିଗଦାୟାଣୀଠାରେ ଥିବା ଶୈବ ପୀଠ ନିକଟରେ ଗୋଟିଏ, ଟାଙ୍ଗୋଳରେ ୨୦ଟି, ମୟୂରଝାଲିଆରେ ୧୭ଟି ମୋଟ୍ ୩୯ଟି ହାତୀ ଥିବା ସୂଚନା ମିଳିଛି।

## ଖବରଦାତାଙ୍କୁ ହତ୍ୟା ଧମକ, ଜଣେ ଅଟକ

ଖୋର୍ଦ୍ଧା,୧୪।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହୋତ୍ସବ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଖବର ପରିବେଷଣକୁ କେନ୍ଦ୍ରକରି ଜଣେ 2ୱେବ ମିଡିଆ ଖବରଦାତାଙ୍କୁ ଟେଲିଫୋନରେ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ମୁତାବକ, ଏକ ଘରୋଇ ୱେବ ମିଡିଆରେ କାର୍ଯ୍ୟରତ ଖବରଦାତାଙ୍କୁ ଜଣେ ବ୍ୟକ୍ତି ମହୋତ୍ସବରେ ଖବର ପରିବେଷଣକୁ ନେଇ ଟେଲିଫୋନରେ ଗାଳିଗୁଲଜ ସହ ୨୦ରୁ ୨୫ ଖବରଦାତାଙ୍କ ବିରୋଧରେ କଟୁ ମନ୍ତବ୍ୟ ଦେଇଥିଲେ। ମହୋତ୍ସବ ବିରୋଧରେ ଖବର ପରିବେଷଣ କଲେ ଘରେ ପଶି ଆକ୍ରମଣ ସହ ହତ୍ୟା ଧମକ ଦେଇଥିଲେ। ଏପରିକି ମହୋତ୍ସବ ବିରୋଧରେ କେହି କିଛି ଲେଖିଲେ ବ୍ଲେଡ ଲଗାଇ କାଟି ଦେବେ ବୋଲି ଧମକ ଦେଇଥିଲେ। ଦୁଇଦିନ ତଳେ ସମ୍ପୃକ୍ତ ଖବରଦାତା ଘରକୁ ଫେରୁଥିବା ବେଳେ ତାଙ୍କୁ ପିଛା କରି ମହୋତ୍ସବ ବିରୋଧରେ ଖବର ପରିବେଷଣ କଲେ ଭଲ ହେବନି ବୋଲି ଧମକ ଦେଇଥିଲେ। ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ସମ୍ପୃକ୍ତ ଖବରଦାତା ଅଭିଯୋଗପର୍ତ୍ତରେ ଦର୍ଶାଇଛନ୍ତି। ଏନେଇ ଥାନା ଅଧିକାରୀ ସଞ୍ଜୟ ନାୟକ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଚାଲିଛି। ମୋବାଇଲ ରେକର୍ଡିଂ ଯାଞ୍ଚ କରାଯାଇଛି।

## ଅଭିଭାବକଙ୍କ ବୈଠକ

ଟାଙ୍ଗୀ,୧୪।୧୨(ରଘୁନାଥ ସାହୁ): ଚାନ୍ଦପୁର ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିରରେ ଶନିବାର ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଅଧ୍ୟାପିକା ଡ. ମୋନାଲିସା ମାନସିଂହ, ଉପଦେଷ୍ଟା ବିଜୟ କୁମାର ରାଉତ, ସଦସ୍ୟ ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ ଅଜୟ କୁମାର ମଙ୍ଗରାଜ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କର ଅସୁବିଧା ଏବଂ ବିଦ୍ୟାଳୟର ଶୈକ୍ଷିକ ପରିବେଶର ଉନ୍ନତି ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରାଯିବା ସହ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଗୁରୁମା ନୀଳିମା ମହାନ୍ତି, ଭାରତୀ ବିଶ୍ୱାଳ, କ୍ରିଷ୍ଣା ପରିଡ଼ା, ରିନାବାଳା ସାହୁଙ୍କ ସମେତ ସମସ୍ତ ଗୁରୁମା' ସହଯୋଗ କରିଥିଲେ।

## ଉତ୍କର୍ଷ, ଆକାଂକ୍ଷା କାର୍ଯ୍ୟକ୍ରମକୁ ଗୁରୁତ୍ୱ





ବ୍ଲକସ୍ତରୀୟ ମାସିକ ପ୍ରଧାନ ଶିକ୍ଷକ ବୈଠକରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

### ବ୍ଲକସ୍ତରୀୟ ମାସିକ ପ୍ରଧାନ ଶିକ୍ଷକ ବୈଠକ

ଟାଙ୍ଗୀ,୧୪।୧୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦ୍ୱାଦଶ ମାସିକ ବୈଠକ କୁହୁଡ଼ି କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, କୁହୁଡି କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗତ ବୈଠକରେ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା। ଉତ୍କର୍ଷ କାର୍ଯ୍ୟକ୍ରମ, ଆକାଂକ୍ଷୀ କାର୍ଯ୍ୟକ୍ରମ, ଖାନ୍ ଏକାଡେମୀର ଗଣିତ ଦକ୍ଷତା ବୃଦ୍ଧି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ବୈଠକରେ ଯୋଗଦେଇଥିବା ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଆୟୋଜକ ବିଦ୍ୟାଳୟ ପରିଦର୍ଶନରେ ଯାଇ ଇ-ପାଠାଗାର, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ପ୍ରୟୋଗଶାଳା, ବିଦ୍ୟାଳୟର ସ୍ୱଚ୍ଛତା, ପାନୀୟଜଳ ଯୋଗାଣ, ଶୌଚାଳୟ ଦେଖିବା ସହ ସ୍ମାର୍ଟ ଶ୍ରେଣୀଗୃହ ବ୍ୟବହାର ସମ୍ପର୍କରେ ପଚାରି ବୁଝିଥିଲେ। ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ନରମାନବୀ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ବେହେରା, ଉଗ୍ରତାରା ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ବିଶ୍ୱାଳ, ବାଲିପାଟପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାରଣା, ରାମେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶକ୍ତି ପ୍ରିୟ ସାହୁ, ଟାଙ୍ଗୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ମହାପାତ୍ର, ଭୂଷଣ୍ଡପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ମହାପାତ୍ର, ସରପାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାକର ସାହୁ, ପାରିଓରଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମିଶ୍ର, ବଡ଼ପାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ଜୟସିଂ ପ୍ରମୁଖ ଯୋଗଦେଇଥିଲେ।

## ଉଦୟନାଥଙ୍କ ସ୍ମୃତିଚାରଣ

କୃଷ୍ଣପ୍ରସାଦ,୧୪।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ଗାନ୍ଧୀ ଶିକ୍ଷା ସମନ୍ୱୟ କମିଟି ଆନୁକୂଲ୍ୟରେ ଚିଲିକା ଗାନ୍ଧୀଭାବେ ପରିଚିତ ଉଦୟନାଥ ଜେନାଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ଚାରିଛକ ବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମନ୍ୱୟ କମିଟି ସଭାପତି ଦିଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତାଭାବେ ବରିଷ୍ଠ ଭାଜପା ନେତା ଡା. ଦେବେନ୍ଦ୍ର ନାଥ ତରେଇ, ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ଅନୁଷ୍ଠାନର ସମ୍ପାଦକ ଶିକ୍ଷକ ଅକ୍ଷୟ କୁମାର ସାମନ୍ତସିଂହାର, ତିତିପ ଦୁଇସାହି ସଭାପତି ନରେନ୍ଦ୍ର ନାଥ ଜେନା, ସାହିତ୍ୟିକ କାଶୀନାଥ ଜେନା, ସାମାଜିକ କର୍ମୀ ଦାମୋଦର ବିଶ୍ୱାଳ, ମନୋଜ କୁମାର ସାହୁ, ମା'ରାମଚଣ୍ଡୀ ଚିଲିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତିତିପ ଅଧ୍ୟକ୍ଷ ପର୍ଶୁରାମ ତରେଇ, ପୂର୍ବତନ ସରପଞ୍ଚ ନବୀନ ଜେନା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ମାଝୀ, ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା, ଅଧ୍ୟାପକ ଅଶୋକ ଜେନା ମଞ୍ଚ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ





ବେଗୁନିଆ/ବାଘମାରୀ,୧୪।୧୨ (ସନ୍ଧ୍ୟାରାଣୀ ମିଶ୍ର/ମିହିର ରଞ୍ଜନ ମହାପାତ୍ର)

ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ-୨୦୨୪ ଏବଂ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ପଞ୍ଚପଲ୍ଲୀ ବାଉତି ସରକାରୀ ଉଚ୍ଚ ବିଦ୍ୟାଳୟ ସାରୁଅ ଜୟମଙ୍ଗଳଠାରେ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ଅନ୍ତର୍ଗତ ୩୦ଟି ବିଦ୍ୟାଳୟରୁ ଶତାଧିକ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଶିଶୁ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ଓଷ୍ଟାର ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ମୁଖ୍ୟବକ୍ତା, ସରପଞ୍ଚ ସୁଶ୍ରୀ ରଞ୍ଜିତା ମହାଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ସଭାପତି ଗଣେଶ୍ୱର ମିଶ୍ର, ସମ୍ପାଦକ ରତିକାନ୍ତ କହଲସିଂହ, ଉପସଭାପତି ଶ୍ରୀନିବାସ ମିଶ୍ର, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ମହାପାତ୍ର, ସଙ୍ଗଠନ ସମ୍ପାଦକ ବଂଶୀଧର ପାଣିଗ୍ରାହୀ, କାର୍ଯ୍ୟକାରୀ ସମ୍ପାଦକ ବ୍ରହ୍ମାନନ୍ଦ ମିଶ୍ର, ଖୋର୍ଦ୍ଧା ଜିଲା ଉପସଭାପତି ସୁରେଖା ରଣା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ପ୍ରଧାନ ଏବଂ ବିକ୍ରମ କୁମାର ନନ୍ଦ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭ୍ରାଂଶୁ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀ, ହରିବନ୍ଧୁ ତ୍ରିପାଠୀ, ଓଷ୍ଟାର ଖୋର୍ଦ୍ଧା ଜିଲା ପୂର୍ବତନ ସଭାପତି କୁଳମଣି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକଭାବେ ସନ୍ତୋଷ କୁମାର ମହାପାତ୍ର, ସନ୍ତୋଷ ସାହୁ, ସୁଧାକର ସେଠୀ, ଶୁଭସ୍ମିତା ତ୍ରିପାଠୀ, ବୀରକିଶୋର ମହାରଣା ପ୍ରମୁଖ କାର୍ଯ୍ୟନିର୍ବାହ କରିଥିଲେ। ଶେଷରେ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ।

## ୨୦୦ ୟୁନିଟ୍ ରକ୍ତ ସଂଗ୍ରହ

ଜଟଣୀ,୧୪।୧୨(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଉପକୁଳପତି ଡ. ସୁପ୍ରିୟା ପଟ୍ଟନାୟକ ଏହି ଶିବିରକୁ ଉଦ୍‌ଘାଟନ କରି ରକ୍ତ ଅଭାବଜନିତ ମୃତ୍ୟୁହାର କମାଇବା ଶିବିରର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ଉକ୍ତ ଶିବିରରୁ ମୋଟ୍ ୨୦୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡ. ବିଶ୍ୱଜିତ୍ ମିଶ୍ର, ଡ. ସଂଗ୍ରାମ କେଶରୀ ସ୍ୱାଇଁ, ଡ. ଦେବାଶିଷ ମିଶ୍ର, ବିଶ୍ୱଦର୍ଶୀ ଦାସ, ପ୍ରମୋଦ ସ୍ୱାଇଁ, ସନ୍ତୋଷ ମହାନ୍ତି, ଶେଷଦେବ ସାମଲ, ମନୋଜ ପାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଆଜିଠୁ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଯାଁଳା,୧୪।୧୨(ବୁଲା ବାରିକ)

ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ରବିବାରଠାରୁ ଯାଁଳା ପଞ୍ଚାୟତ ରାଧାଚରଣପୁର ଖେଳପଡ଼ିଆରେ ୨୬ତମ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ମୋଟ ୭ଟି ମ୍ୟାଚ ଖେଳାଯିବ। ରବିବାର ଉତ୍କଳ ସ୍ପୋର୍ଟିଂ ଜଟଣୀ ଏବଂ ଏମ୍‌ବିଏସ୍ କ୍ଲବ ଚୌଦ୍ୱାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ୧୬ ତାରିଖରେ ଫ୍ରେଣ୍ଡସ ପାରାଡାଇଜ ଜଟଣୀ ଏବଂ ୟୁନାଇଟେଡ଼ କ୍ଲବ ଭଦ୍ରକ, ୧୭ରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ୧୫ତାରିଖର ବିଜେତା ଏବଂ ୧୬ତାରିଖର ବିଜେତା ଟିମ୍ ମଧ୍ୟରେ ହେବ। ୧୮ ତାରିଖରେ ଆୟୋଜକ ଖୋର୍ଦ୍ଧା ଜିଲା ଶବର କ୍ରୀଡା ସଂଘ ଏବଂ ପପୁଲାର କ୍ଲବ ଢେଙ୍କାନାଳ, ୧୯ରେ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଏ.କେ.କ୍ଲବ ଅନୁଗୋଳ, ୨୦ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୧୮ତାରିଖର ବିଜେତା ଏବଂ ୧୯ତାରିଖର ବିଜେତା ଟିମ୍ ମଧ୍ୟରେ ହେବ। ୨୨ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଟିମକୁ ଟ୍ରଫି ସହ ୧୫ ହଜାର ଟଙ୍କା ଏବଂ ରନର୍ସଅପ ଟିମକୁ ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ କହିଛନ୍ତି।

## ରାମଦୟା ପରିଷଦ ପକ୍ଷରୁ ଗୀତା ଜୟନ୍ତୀ

ନିରାକାରପୁର,୧୪।୧୨(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ରାମଦୟା ପରିଷଦ ପକ୍ଷରୁ ଶୁକ୍ରବାର ରାମମନ୍ଦିର ପରିସରରେ ୪୨ତମ ଶ୍ରୀମଦ୍ ଭଗବତ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦର ସମସ୍ତ ସଭ୍ୟ ଗୀତାର ଅଷ୍ଟାଦଶ ଅଧ୍ୟାୟ ପଠନ କରିଥିଲେ। ପୂଜାପାଠ, ହୋମଯଜ୍ଞ ସହିତ ସମସ୍ତେ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମରେ ରାମ ଦୟା ପରିଷଦ ସଭ୍ୟମାନେ ସହଯୋଗ କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ଶିବିର





ବେଗୁନିଆ,୧୪।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜିଲା ବିପର୍ଯ୍ୟୟ ପରିଚାଳନା କମିଟି ସହଯୋଗରେ ପ୍ରଚଣ୍ଡେଶ୍ୱର ସେବାସଂସ୍ଥା ପକ୍ଷରୁ ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ପେଣ୍ଡୋଇଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ ଅସିତ୍ କୁମାର ତ୍ରିପାଠୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା, ସନ୍ଧ୍ୟାରାଣୀ ସାମନ୍ତରାୟ, ପ୍ରୋଜେକ୍ଟ ସଂଯୋଜକ ଦାଶରଥି ଶ୍ରୀଚନ୍ଦନଙ୍କ ସହ ୱାର୍ଡସଭ୍ୟ, ଆଶା, ଅଙ୍ଗନୱାଡି କର୍ମୀ ଏବଂ ମହିଳା ମହାସଂଘ ସଦସ୍ୟ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କର ଧନଜୀବନ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସଚେତନତାର ଆବଶ୍ୟକ ରହିଛି ବୋଲି କହିଥିଲେ। ଆଗାମୀ ଦିନରେ ପଞ୍ଚାୟତର ପ୍ରତି ଗ୍ରାମରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ସହ କମିଟି ଗଠନ କରି ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ଅତିଥିମାନେ କହିଥିଲେ।

### ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍

## ସେମିରେ ବିହାର ଏକାଦଶ

ଟାଙ୍ଗୀ,୧୪।୧୨(ରଘୁନାଥ ସାହୁ)

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଦେବୀ ଦୁର୍ଗା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍‌ରେ ଶନିବାର ବିହାର ଏକାଦଶ ଏବଂ ରାୟପୁର ଏକାଦଶ ଛତିଶଗଡ଼ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବିହାର ଏକାଦଶ ଟିମ୍ ୩-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସ୍ୱପ୍ନଲି ସାହୁ, ଗଦାଧର ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ କମିଟି ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ସଭାପତି ତପନ ମହାନ୍ତି, ସମ୍ପାଦକ ନିରଞ୍ଜନ ନାୟକ, ପ୍ରଦୀପ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ରିନା ତିର୍କୀ, ବୀଣାପାଣି ବିରୁଆ, ବାଳାମତି ଓରାମ ଏବଂ ଆରତି ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର କୋଲକାତା ଏକାଦଶ ଏବଂ ନୀତା ଏଫ୍‌ସି କଟକ ମଧ୍ୟରେ ମ୍ୟାଚ୍ ହେବ ବୋଲି ସମ୍ପାଦକ କହିଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

## ମରାଠା ଏକାଦଶ ଭଞ୍ଜନଗର, ଏ.କେ.କ୍ଲବ ଆଠମଲ୍ଲିକ ଫାଇନାଲରେ



ବୋଲଗଡ଼,୧୪।୧୨(ଦେବବ୍ରତ ହୋତା)

ସ୍ଥାନୀୟ ଫ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଯାଜପୁର ଡିଏଫଏ ଟିମ୍‌କୁ ୩-୧ ଗୋଲରେ ହରାଇ ଭଞ୍ଜନଗରର ମରାଠା ଏକାଦଶ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସନ୍ଧ୍ୟାରେ ଫ୍ଲଡ ଲାଇଟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଆୟୋଜକ ଫ୍ରେଣ୍ଡସ କ୍ଲବକୁ ୧-୦ ଗୋଲରେ ହରାଇ ଆଠମଲ୍ଲିକର ଏ.କେ.କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ସାମାଜିକ କର୍ମୀ ମାନସ କୁମାର ବେହେରା, ସନ୍ତୋଷ ବେହେରା, ସୁଶାନ୍ତ ପାଇକରାୟ, ଶରତ କୁମାର ଦଳେଇ, ମହୋତ୍ସବ କମିଟି ସମ୍ପାଦକ ବୀରକିଶୋର ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବୋଲଗଡ଼ ଅଞ୍ଚଳର ପୂର୍ବତନ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରେଫରି ଭାବେ ଭଞ୍ଜକିଶୋର ଯତି, ସରୋଜ ମହାରଣା, ସଞ୍ଜୟ କୁମାର ଫତେସିଂ ଏବଂ ଲକ୍ଷ୍ମୀଧର ଚୌଧୁରୀ ପରିଚାଳନା କରିଥିଲେ। ଲଲାଟେନ୍ଦୁ କେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥାଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଗ ନାଁରେ ବିକ୍ରି ହେଉଛି ଅପମିଶ୍ରିତ ଖଜା

- ଆପତ୍ତି ଉଠାଇଲେ ସୁଆର-ମହାସୁଆର ନିଯୋଗ ସମ୍ପାଦକ
- ଡିଜିଟାଲ ମେଶିନରେ ଜାଲିଆତି ଅଭିଯୋଗ

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁଙ୍କ ଭୋଗ କହି ଶ୍ରୀମନ୍ଦିର ବାହାରେ ବିକ୍ରି ହେଉଛି ଅପମିଶ୍ରିତ ଖଜା, ଯାହାକୁ ନେଇ ସୁଆର-ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର ଅଭିଯୋଗ କରିଛନ୍ତି। କିଛି ମୁନାଫାଖୋର୍ ବ୍ୟବସାୟୀ ଆଣ୍ଟୁ ଓ ଗୋଡ଼ରେ ମଇଦା ଚକଟି ଖଜା ପ୍ରସ୍ତୁତ କରି ଫାଇଦା ଉଠାଉଛନ୍ତି। ଖଜାରେ ଅତ୍ୟଧିକ ମୁନାଫା ଆଶାରେ ଯୁବପିଢ଼ି ସାମିଲ ହେଉଥିବା ବେଳେ ଖଜା ଦୋକାନର ସଂଖ୍ୟା ବଢ଼ିବାରେ ଲାଗିଛି। ନିକଟ ଅତୀତରେ ଖଜା ବ୍ୟବସାୟକୁ ନେଇ ୨ଟି ମୁଣ୍ଡ ଗଡ଼ିଥିଲା। ଦିନକୁ ଦିନ ପୁରୀରେ ଖଜା ବ୍ୟବସାୟୀ କାୟାବିସ୍ତାର କରୁଥିବା ବେଳେ ମହାପ୍ରସାଦ ନାମରେ ଅପମିଶ୍ରିତ ଖଜା ବିକ୍ରିହେବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଡିଜିଟାଲ ଓଜନ ମାପକ ଯନ୍ତ୍ରରେ ବି ଗ୍ରାହକଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଏନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇଛି।

ଏନେଇ ସୁଆର ମହାସୁଆର ନିଯୋଗର ସମ୍ପାଦକ ମହାସୁଆର କହିଛନ୍ତି, କିଛିଦିନ ହେବ ବହୁ ଖଜା ବ୍ୟବସାୟୀ ମହାପ୍ରସାଦ କହି ଭକ୍ତ ଓ ଯାତ୍ରୀଙ୍କୁ ବିକୁଛନ୍ତି। ବିଭିନ୍ନ ସ୍ଥାନରେ ଅପମିଶ୍ରିତ ତେଲ ବ୍ୟବହାର କରାଯାଇ ଓ ଗୋଡ଼, ଆଣ୍ଟୁରେ ମଇଦାକୁ ଦଳାଯାଇ ଖଜା ପ୍ରସ୍ତୁତ କରୁଛନ୍ତି ଓ ଉକ୍ତ ଖଜାକୁ ଭୋଗ ଖଜା କହି ବିକ୍ରି କରୁଛନ୍ତି। ଖଜାଗୁଡ଼ିକୁ ଭୋଗ କହି ବିକ୍ରି କରିବା ଦୁଃଖର ବିଷୟ। ଶ୍ରୀମନ୍ଦିର ଆନନ୍ଦ ବଜାରରେ ବିକ୍ରି ହେଉଥିବା ଖଜା ଭୋଗ ଅଟେ। ଏଥିପ୍ରତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ଧ୍ୟାନ ଦେଇ ଶ୍ରୀମନ୍ଦିର ନିକଟରେ ଭୋଗ କହି ବିକୁଥିବା ଅପମିଶ୍ରିତ ଖଜାଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ଜିଲାପାଳ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିର ଭିତରେ ମିଳୁଥିବା ଖଜା ହେଉଛି ଭୋଗ ଖଜା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ହେଉଥିବା ଖଜା ସୁପକାରଙ୍କ ଦ୍ୱାରା ଶ୍ରୀମନ୍ଦିର ରୋଷଶାଳାରେ ପ୍ରସ୍ତୁତ ହୋଇଥାଏ ଓ ଏହା ଆନନ୍ଦବଜାରରେ ବିକ୍ରି ହୋଇଥାଏ।

ଏ ନେଇ ଏସ୍‌ପି ଭିନୀତ ଅଗ୍ରୱାଲ କହିଛନ୍ତି, ଭକ୍ତଙ୍କୁ ମାପ ଠକିବା ନେଇ ଯେଉଁ ଅଭିଯୋଗ ହେଉଛି, ଜିଲା ପ୍ରଶାସନ ସହ ମିଶି ମେଶିନଗୁଡ଼ିକ ଚେକ୍ କରାଯିବ। ମିଳିତ ଭାବେ ଚଢ଼ାଉ କରାଯିବ। ଯଦି ଅଭିଯୋଗ ସତ ହୋଇଥାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ଥାନୀୟ ବାସିନ୍ଦା ପ୍ରସନ୍ନ ମହାପାତ୍ର କହିଛନ୍ତି, ଗତ ୫ବର୍ଷ ମଧ୍ୟରେ ଖଜା ଦୋକାନ ପୁରୀରେ ଛତୁ ଫୁଟିଲା ପରି ଫୁଟୁଛି। ଏପରିକି ଖଜା ବ୍ୟବସାୟକୁ ନେଇ ପୁରୀରେ ହତ୍ୟାକାଣ୍ଡ ଘଟିଲାଣି। ଖଜା ଏକ ଲାଭଦାୟକ ବ୍ୟବସାୟରେ ପରିଣତ ହୋଇଛି। ଅଳ୍ପ ଟଙ୍କାରେ କିଣି ତାକୁ ଯାତ୍ରୀଙ୍କୁ ଦୁଇରୁ ତିନି ଗୁଣା ମୂଲ୍ୟରେ ବିକ୍ରି କରୁଛନ୍ତି। ଏପରିକି ମେଶିନରେ ମଧ୍ୟ ଜାଲିଆତି କରି ଭକ୍ତଙ୍କୁ ମାପରେ ଠକୁଛନ୍ତି। ଏଠାରେ ନିମ୍ନମାନର ଖଜା ବିକ୍ରି କରାଯାଉଛି, ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୧୨।୨୦୨୪

| | |
|---|---|
| ୬,୦୦, ୫୧୩ ଟଙ୍କା | |
| ସୁନା | ୦.୦୪୦ ଗ୍ରାମ୍ |
| ରୁପା | ୧୫.୩୫୦ ଗ୍ରାମ୍ |

## ଶୀତ ଲହରି ନେଇ ୟେଲୋ ୱାର୍ନିଂ

ଭୁବନେଶ୍ୱର,୧୪।୧୨ (ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ଶୀତ ଲହରି ଜାରି ରହିଛି। ଶନିବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୦.୫ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୭.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ୧୮ରୁ ୨୦ ତାରିଖ ମଧ୍ୟରେ ୩ରୁ ୫ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘନ କୁହୁଡ଼ି ସହ ଶୀତ ଲହରି ଥରାଇବ। ୧୫ ତାରିଖରେ କଳାହାଣ୍ଡି ଓ କନ୍ଧମାଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଏଥିପାଇଁ ଏହି ୩ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ୧୫ ଓ ୧୬ ତାରିଖରେ ଶୀତ ଲହରି ନେଇ ୟେଲୋ ୱାର୍ନିଂ ରହିଛି।

## ପ୍ରତି ରବିବାର 'ଭୁବନେଶ୍ୱର ଭାଇବ୍ସ୍'

ଭୁବନେଶ୍ୱର,୧୪।୧୨ (ଅନୁରାଧା ମହାରଣା)

୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନର ଅବ୍ୟହିତ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ସହରର ପ୍ରତି ୱାର୍ଡରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି। ସେହିପରି ପ୍ରତି ରବିବାର ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଭୁବନେଶ୍ୱର ଭାଇବ୍ସ' ଅନୁଷ୍ଠିତ ହେବ। ଗତ ସପ୍ତାହରେ ୨ଟି ସ୍ଥାନରେ ଏହା ଅନୁଷ୍ଠିତ ହୋଇଥିବାବେଳେ ବେଶ୍ ଲୋକପ୍ରିୟତା ସାଉଣ୍ଟିଥିଲା। ଲୋକଙ୍କ ରୁଚିକୁ ଦୃଷ୍ଟିରେ ରଖି ରବିବାର ୩ ସ୍ଥାନ ମାର୍କେଟ ବିଲ୍ଡିଂ, ଜନପଥ ଏବଂ ଇନଫୋସିଟି ଛକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସନ୍ଧ୍ୟା ୬ଟାରୁ ଏହି କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।



## ମୋ ବସ୍ ଜଳିଗଲା

କଟକ,୧୪।୧୨ (କାର୍ତ୍ତିକ ସାହୁ)

ମଧୁପାଟଣା ଥାନା ଅନ୍ତର୍ଗତ ଲିଙ୍କ୍‌ରୋଡ୍ ଛକରେ ଅଟକି ଥିବା ଏକ ମୋ ବସ୍ (ଓଡିଶା୩ଯୁ-୭୧୧୧) ଶନିବାର ରାତି ପ୍ରାୟ ୮ଟାରେ ଜଳିଯାଇଛି। ବସ୍‌ରେ କେହି ଯାତ୍ରୀ ନ ଥିବାରୁ କିଛି କ୍ଷତି ହୋଇନାହିଁ। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଯାନ୍ତ୍ରିକ ତ୍ରୁଟି ଯୋଗୁ ମୋ ବସ୍ ଅପରାହ୍ନ ପ୍ରାୟ ୪ଟାରୁ ସେଠାରେ ଅଟକି ରହିଥିଲା। ଏହି ବାଟ ଦେଇ ଲୋକମାନେ ସ୍ୱାଭାବିକ ଭାବେ ଯାତାୟାତ କରୁଥିଲେ। ହେଲେ ହଠାତ୍ ବସ୍‌ଟି ଜଳିବାକୁ ଲାଗିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚିବାବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ମଧୁପାଟଣା ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏନ୍. ଥିରୁମାଲା ନାଏକ, ଜେନେରାଲ ମ୍ୟାନେଜର (ଅପରେଶନ ଆଣ୍ଡ ମେଣ୍ଟେନାନ୍ସ) ସଞ୍ଜୟ ବିଶ୍ୱାଳ ଘଟଣାସ୍ଥଳ ପରିଦର୍ଶନ କରିଥିବାବେଳେ ପରିବହନ ବିଭାଗର ଡେପୁଟି କମିଶନରଙ୍କ ନେତୃତ୍ୱରେ ତଦନ୍ତ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି।

# ପଞ୍ଚସଖାଙ୍କ ପଞ୍ଚତତ୍ତ୍ୱ ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟକୁ ଋଦ୍ଧିମନ୍ତ କରିଛି

## ସିଦ୍ଧସାଧକ ଶିଶୁ ଅନନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ବାଲିପାଟଣା,୧୪।୧୨ (ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମଠ ପରିସରରେ ଶନିବାର ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଶିଶୁ ଅନନ୍ତ ସ୍ମୃତି ସଂସଦ ପକ୍ଷରୁ ସିଦ୍ଧସାଧକ ଶିଶୁ ଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଅଭିମନ୍ୟୁ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସାରସ୍ୱତ ସଭା ଓ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥିଭାବେ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ହରେକୃଷ୍ଣ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି କହିଲେ, ପଞ୍ଚସଖାଙ୍କ ପଞ୍ଚ ତତ୍ତ୍ୱ ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ମୁଖ୍ୟ ବକ୍ତା ଜ୍ଞାନାନନ୍ଦ ସାଗର କହିଥିଲେ, ଶିଶୁ ଅନନ୍ତଙ୍କ ସାହିତ୍ୟ କୃତି ସମାଜର ପଥ ପ୍ରଦର୍ଶକ ସ୍ୱରୂପ। ପରେ କଣ୍ଠଶିଳ୍ପୀ ତଥା ଗୀତିକାର ଶରତ ବାରିକ, ରବି କୁମାର ଏବଂ ଶାଶ୍ୱତୀ ଅନୁଷ୍ଠାନର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଗବେଷକ ପ୍ରାଧ୍ୟାପକ ଉଦୟ ନାଥ ସାହୁଙ୍କୁ ଶିଶୁ ଅନନ୍ତ ସମ୍ମାନ, ସାଧକ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କୁ ବାବା ମଧୁସୂଦନ ସମ୍ମାନ, ପୂର୍ବତନ ଦୂରଦର୍ଶନ ଉପନିର୍ଦ୍ଦେଶକ ଗୋପାଳ କୃଷ୍ଣ ମହାପାତ୍ରଙ୍କୁ ସାମ୍ବାଦିକ ଗୌରବ ସମ୍ମାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ବାଲିପାଟଣା ଗୌରବ ସମ୍ମାନ, କବି ବିପିନ ମହାନ୍ତିଙ୍କୁ କବି ଅବଦୁଲ ଓସିଦ ସମ୍ମାନ, ଭଜନ ତଥା ଶିଶୁ ଲେଖକ ଅରୁଣ ଚନ୍ଦ୍ର ମହାନ୍ତିଙ୍କୁ ବଡ଼ଭାଇ ନଦୀୟା ବିହାରୀ ସମ୍ମାନ ଏବଂ କୃଷ୍ଣଚନ୍ଦ୍ର ରାୟଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। କବି ଭଗବାନ ସାହୁ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମରେ ଲେଖକ ବୀରେନ୍ଦ୍ର ସାମନ୍ତରାୟ, ବଙ୍କିମ ନାୟକ, ରଜନୀ ରଞ୍ଜନ ଦାଶ, ଶକୁନ୍ତଳା ବଳିୟାରସିଂହ, କମଳିନୀ ମଲ୍ଲିକ, ସାହିତ୍ୟ ଏକାଡେମୀ ପକ୍ଷରୁ ଚିନ୍ମୟ ମିଶ୍ର, ସଂସଦର ପୂର୍ବତନ ସଭାପତି ବ୍ରଜ କିଶୋର, ଗୁଲଜାର ହୋସନଙ୍କ ସମେତ ବହୁ ସାହିତ୍ୟିକ, ସାମାଜିକ କର୍ମୀ, ସାଧୁସନ୍ଥ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଅଧ୍ୟାପକ ଦେବାଶିଷ ମହାପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପିତ କରିଥିଲେ।


ଅତିଥିଙ୍କ ଗ୍ରହଣରେ ସମ୍ମାନୀତ ବ୍ୟକ୍ତିତ୍ୱ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୌମେନ୍ଦ୍ର


@ ଆଶିଷ


@ ଜୀବନଜ୍ୟୋତି


@ ପ୍ରଭଞ୍ଜନ


@ ସାଗରରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଣ୍ଡୁ ନୃସିଂହଙ୍କ ୪ ଆଶ୍ରମ ବିଜେ

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ପଣ୍ଡୁ ନୃସିଂହ ୪ ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଶନିବାର ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ଭିତର ଶୋଧ, ମଙ୍ଗଳ ଆଳତି ଓ ମଇଲମ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ସକାଳ ଧୂପ ଶେଷ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନରେ ବେଶ ଶେଷ ହୋଇଥିଲା। ପରେ ପଣ୍ଡୁନୃସିଂହ ଦେବଙ୍କ ଆଶ୍ରମ ବିଜେ ପାଇଁ ଗୋଟିଏ ଆଜ୍ଞାମାଳ ମହାପ୍ରଭୁ ଜଗନ୍ନାଥଙ୍କ ବାଡ଼ରେ ଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପ ପରେ ମହାଜନ ସେବକମାନେ ପଣ୍ଡୁନୃସିଂହ ଦେବଙ୍କୁ ଦକ୍ଷିଣ ଘରୁ ଆଣି ସିଂହାସନକୁ ବିଜେ କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ପଣ୍ଡୁନୃସିଂହଙ୍କୁ ଆଜ୍ଞାମାଳ ଲାଗି କରିଥିଲେ। ପରେ ମହାଜନ ସେବକମାନେ ପଣ୍ଡୁ ନୃସିଂହଙ୍କୁ ହସ୍ତରେ ଆଣି ମୁକ୍ତି ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ସେଠାରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ବିମାନବଡୁ ସେବକମାନେ ବିମାନ ନେଇ ଶ୍ରୀମନ୍ଦିରରୁ ୪ ଆଶ୍ରମ ଅଭିମୁଖେ ବିଜେ କରିଥିଲେ। ପଣ୍ଡୁ ନୃସିଂହ ମାର୍କଣ୍ଡେଶ୍ୱର ସାହିରେ ଥିବା ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହି ସ୍ଥିତ ଜହ୍ନିମୁଣ୍ଡିଆ ଛକ ସ୍ଥିତ ଅଙ୍ଗିରା ଆଶ୍ରମ, ବାଲିସାହି ସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ସ୍ଥିତ କଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ସେଠାରେ ବନ୍ଦାପନା ଓ ଶୀତଳ ଭୋଗ ମଣୋହି କରାଯିବା ସହ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ପରେ ପଣ୍ଡୁ ନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।


ପଣ୍ଡୁ ନୃସିଂହଙ୍କୁ ଶ୍ରୀମନ୍ଦିରରୁ ବିମାନରେ ଚାରି ଆଶ୍ରମ ଅଭିମୁଖେ ନିଆଯାଉଛି।

# ବାଲ୍ୟବିବାହ ବନ୍ଦକଲା ଚାଇଲ୍ଡ ହେଲ୍ପଲାଇନ

## ନାବାଳିକାଙ୍କୁ ପୁରୀ ଜିଲା ଶିଶୁ କଲ୍ୟାଣ ଆଶ୍ରୟସ୍ଥଳକୁ ପଠାଗଲା

ପିପିଲି,୧୪।୧୨(ପ୍ରଭାତ କୁମାର ମହାପାତ୍ର)

ପୁରୀ ଜିଲା ପିପିଲି ଥାନା ଅଧୀନ ଉତ୍ତରା ଅଞ୍ଚଳରେ ଶନିବାର ଚାଲିଥିବା ଏକ ବାଲ୍ୟବିବାହକୁ ଚାଇଲ୍ଡ ହେଲ୍ପଲାଇନ ବନ୍ଦ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ୧୪ ବର୍ଷୀୟା ବାଳିକାଙ୍କୁ ପୋଲିସ କୌଶଲ୍ୟାଗଙ୍ଗ ଫାଣ୍ଡିକୁ ଆଣିବା ପରେ ଜିଲା ଶିଶୁ କଲ୍ୟାଣ ଆଶ୍ରୟସ୍ଥଳକୁ ପଠାଯାଇଥିବା ଜିଲା ଶିଶୁ ସୁରକ୍ଷା ସୁପରଭାଇଜର ଅଭିଲିପ୍ସା ପଟ୍ଟନାୟକ କହିଛନ୍ତି। ଉକ୍ତ ଘଟଣାକୁ ନେଇ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ସନ୍ଦୀପ ଦାସ ତଦନ୍ତ ଜାରି ରଖିଛନ୍ତି। ଅନ୍ୟପଟେ ଏଭଳି ଅଭିଯୋଗକୁ ନାବାଳିକାଙ୍କ ମାଆବାପା ମିଥ୍ୟା ବୋଲି କହିଛନ୍ତି। ତେବେ ଯୁବକ ଜଣଙ୍କ ଫେରାର ଥିବା ଜଣାପଡ଼ିଛି।

ନାବାଳିକା ଜଣଙ୍କ ସ୍କୁଲ ଯିବା ବାଟରେ ବାଳକାଟୀ ଅଞ୍ଚଳର ଜଣେ ଯୁବକ ତାଙ୍କୁ ବାରମ୍ବାର ବିବାହ ଧମକ ଦେଉଥିବା ନେଇ ମାଆ ବାଳକାଟୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବାବେଳେ ଝିଅର ବିବାହ ମିଥ୍ୟା ବୋଲି କହିଛନ୍ତି। ବାଲ୍ୟବିବାହ ହେବା ନେଇ ଶୁକ୍ରବାର ନାବାଳିକାଙ୍କ କେହି ଜଣେ ସମ୍ପର୍କୀୟ ଚାଇଲ୍ଡ ହେଲ୍ପଲାଇନରେ ଅଭିଯୋଗ କରିଥିଲେ। ପରେ ଜିଲା ଶିଶୁ ସୁରକ୍ଷା ବିଭାଗ ଶନିବାର ଘଟଣାସ୍ଥଳରେ ପହଞ୍ଚି ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ସମୟରେ ନାବାଳିକାଙ୍କ ମଥାରେ ସିନ୍ଦୂର ପିନ୍ଧିଥିବା ଓ ସେଠାରେ ଭୋଜି ହେଉଥିବା ନେଇ ଉଦ୍ଧାରକାରୀ ଦଳ ଜାଣିବା ପରେ ସନ୍ଦେହ ପ୍ରକାଶ ପାଇଥିଲା। ଜିଲା ଶିଶୁ ସୁରକ୍ଷା ବିଭାଗ ସୁପରଭାଇଜର ପଟ୍ଟନାୟକ, ମାଧବ ଜେନା, ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପୁରୀ ଜିଲା ସଂଯୋଜକ ହେମନ୍ତ କୁମାର ଦାଶଙ୍କ ସହ କାର୍ଯ୍ୟକର୍ତ୍ତା ତଟିନୀ ବିଶ୍ୱାଳ, ପ୍ରୀତିପ୍ରଜ୍ଞା ସ୍ୱାଇଁ, ହରପ୍ରିୟା ଖଟୋଇ, କୃଷ୍ଣଚନ୍ଦ୍ର ବେହେରା ଓ ସ୍ଥାନୀୟ ପୁବାଶାସନ ଅଙ୍ଗନୱାଡି ସୁପରଭାଇଜର ଚନ୍ଦନା ରାହା, ଉତ୍ତରା ବାଲିସାହିର ଅଙ୍ଗନୱାଡି କର୍ମୀ ଲକ୍ଷ୍ମୀପ୍ରିୟା ସେଠୀ ଓ ଆଶା ଦିଦି ବିନୋଦିନୀ ନାୟକ ସାମିଲ ଥିଲେ।


ଉଦ୍ଧାର ପରେ ଜିଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀମାନେ ନାବାଳିକାଙ୍କୁ ପଚରାଉଚରା କରୁଛନ୍ତି।

